ବର୍ଷ-୨୫, ସଂଖ୍ୟା-୩୦
ଭୁବନେଶ୍ୱର
୩୧, ଜାନୁଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 30
Bhubaneswar
31 January, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଭାଇରାଲ୍ ଗାର୍ଲଙ୍କ ସୌନ୍ଦର୍ଯ୍ୟକୁ କଙ୍ଗନାଙ୍କ ପ୍ରଶଂସା

# ଆମେରିକା ଆକାଶରେ ବିମାନ ଦୁର୍ଘଟଣା, ୭୦ ମୃତ

**ୱାଂଶିଟନ୍ ଡିସି,୩୦।୧(ମହାଭାରତ):** ଆମେରିକା ଇତିହାସରେ ସବୁଠୁ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଆଜି ହ୍ୱାଇଟ୍ ହାଉସଠାରୁ ପ୍ରାୟ ୩ କି.ମି. ଦୂର ଆକାଶରେ ୱାଶିଂଟନ ଡିସିରେ ସେନାର ହେଲିକପ୍ଟର ସହ ଆମେରିକୀୟ ଏୟାରଲାଇନ୍ସ ଧକ୍କା ହୋଇଛି। ଭୟଙ୍କର ଦୁର୍ଘଟଣା ପରେ ବିମାନଟି ୩ ଖଣ୍ଡ ହୋଇ ପୋଟୋମ୍ୟାକ ନଦୀରେ ଖସି ପଡିଥିଲା। ଫଳରେ ଉଭୟ ବିମାନରେ ବସି ଥିବା ସମସ୍ତ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଯାତ୍ରୀବାହୀ ବିମାନରେ ୬୭ ଓ ସେନା ହେଲିକପ୍ଟରରେ ୩ ଜଣ ଯବାନ ଥିଲେ। ତେବେ ପୋଟୋମ୍ୟାକ୍ ନଦୀ ବରଫ ପରି ଜମି ରହିଥିବାରୁ ଯାତ୍ରୀଙ୍କ ବଞ୍ଚିବା ସମ୍ଭବପର ହୋଇନଥିଲା।

ସୂଚନା ଅନୁଯାୟୀ, ଆମେରିକାନ୍ ଇଗଲ ଫ୍ଲାଇଟ୍-୫୩୪୨ କଂସାସ୍ ସିଟିରୁ ୱାଶିଂଟନ ଅଭିମୁଖେ ଆସୁଥିଲା। ଏହି ବିମାନରେ ମୋଟ୍ ୬୭ଜଣ ଯାତ୍ରୀ ଯାତ୍ରା କରୁଥିଲେ। ୱାଶିଂଟନ ଇଣ୍ଟର ନ୍ୟାସନାଲ ଏୟାରପୋର୍ଟରେ ଲ୍ୟାଣ୍ଡିଂ ବେଳେ ମଝି ଆକାଶରେ ଫ୍ଲାଇଟ୍ ଆମେରିକୀୟ ସେନାର ଏଚ-୬୦ ହେଲିକପ୍ଟରକୁ ଧକ୍କା ଦେଇଥିଲା। ପରେ ନିୟନ୍ତ୍ରଣ ହରାଇ ନିକଟରେ ଥିବା ପୋଟୋମାକ୍





ନଦୀରେ କ୍ରାସ୍ କରିଥିଲା। ଯାତ୍ରୀମାନଙ୍କୁ ବଞ୍ଚାଇବା ପାଇଲଟ୍ ଫ୍ଲାଇଟକୁ ନଦୀ ଭିତରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଥିଲେ।

ନ୍ୟୁଜ୍ ରିପୋର୍ଟ ଅନୁସାରେ, ପୋଟୋମ୍ୟାକ ନଦୀରୁ ଏବେସୁଦ୍ଧା ଅତି କମ୍‌ରେ ୨୮ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଠି ଦୁଇଟି ବିମାନ ଧକ୍କା ହେବା ପରେ ଖସି ପଡ଼ିଥିଲେ। ହ୍ୱାଇଟ ହାଉସ୍ ଏବଂ ବିମାନବନ୍ଦର ମଧ୍ୟରେ ଦୂରତା ୩ କିଲୋମିଟରରୁ କମ୍ ଅଟେ। ଯେତେବେଳେ ଏହି ଦୁର୍ଘଟଣା ଘଟିଲା, ଟ୍ରମ୍ପ ହ୍ୱାଇଟ ହାଉସରେ ଉପସ୍ଥିତ ଥିଲେ। ଏହା ଏକ ଦୁର୍ଘଟଣା କି ଷଡଯନ୍ତ୍ର ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ହେଲିକପ୍ଟରର ହଠାତ ଆସିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଏହି ଦୁର୍ଘଟଣା, ଯାହା ଆମେରିକାର ଇତିହାସର ସବୁଠୁ ଭୟଙ୍କର ଦୁର୍ଘଟଣା ମଧ୍ୟରେ ଗୋଟିଏ, ଏହା ଏହି ସମୟରେ ଘଟିଛି ଯେତେବେଳେ ବାଣିଜ୍ୟିକ ଜେଟ୍ ବିମାନ ରୋନାଲ୍ଡ ରିଗନ ରାଷ୍ଟ୍ରୀୟ ବିମାନ ବନ୍ଦରକୁ ଓହ୍ଲାଇବାକୁ ପ୍ରୟାସ କରୁଥିଲା ଏବଂ ଏହା ଆମେରିକୀୟ ସେନାର ବ୍ଲାକ୍ ହକ୍ ହେଲିକପ୍ଟର ସହ ଧକ୍କା ହୋଇଥିଲା। ୱାଶିଂଟନର ଅଗ୍ନିଶମ ପ୍ରମୁଖ ଜନ ଡୋନେଲି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି , ଆମେ ଏବେ ଏହି ସ୍ଥାନରେ ପହଞ୍ଚି ଯାଇଛୁ , ଯେଉଁଠି ଆମେ ରେସ୍କ୍ୟୁ ଅପରେସନରୁ ରିକଭରୀ ଅପରେସନ ଆଡ଼କୁ ଆଗେଇ ଚାଲିଛୁ ଆମକୁ ଲାଗୁନି କି କେହି ବି ଜୀବିତ ଥିବେ। ଇଣ୍ଡିଆ ଟୁଡେରେ ପ୍ରକାଶିତ ସୂଚନା ଅନୁସାରେ ,ଯାତ୍ରୀ ବିମାନର ଭଗ୍ନାବଶେଷ ଅଣ୍ଟା ଯାଏ ଗଭୀର ପାଣିରେ ୩ଟି ଭାଗରେ ଓଲଟି ପଡ଼ିଥିବା ମିଳିଛି। ହେଲିକପ୍ଟରର ଭଗ୍ନାବଶେଷ ମଧ୍ୟ ଉଦ୍ଧାର ହୋଇଛି। ଆହୁରି ପୀଡ଼ିତଙ୍କୁ ଓ ଭଗ୍ନାବଶେଷର ତଲାସୀ ଜାରି ରହିଛି। ବିମାନ ଧକ୍କା ହେବା ପଛର କାରଣ ଏବେସୁଦ୍ଧା ଅଧିକାରୀଙ୍କୁ ଜଣାପଡ଼ି ନାହିଁ। ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (ଏନଟିଏସବି) ଓ ଫେଡରଲ ଏଭିଏସନ ଏଡମିନିଷ୍ଟ୍ରେସନ (ଏଫଏଏ)ର ଯାଞ୍ଚକର୍ତ୍ତା ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ରହିଛନ୍ତି ଏବଂ ଏହି ଭୟାବହ ଘଟଣା ପାଇଁ ଦାୟି ପରିସ୍ଥିତିକୁ ଜାଣିବାକୁ ଚେଷ୍ଟା କରୁଛନ୍ତି ।

# ଭିଜିଲାନ୍ସ ଜାଲରେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ

**ଭୁବନେଶ୍ୱର,୩୦।୧(ମହାଭାରତ):** କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ଆକ୍ସନ ମୁଡକୁ ଆସିଛି। ଭିଜିଲାନ୍ସ ଜାଲରେ ଜଣେ ବଡ଼ ସରକାରୀ ବାବୁ ପଡ଼ିଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ଆଇଟିଡିଏର ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁଙ୍କ ଘରେ ପଶିଛି ଭିଜିଲାନ୍ସ। ଚଢାଉବେଳେ ଜଣାପଡିଛି ଯେ, ସରକାରୀ ବାବୁଙ୍କର ଜମି ଉପରେ ଜମି, ସେ ପୁଣି କେଉଁ ଗାଁ ଗହଳିରେ ବରଂ ରାଜଧାନୀରେ। ଭୁବନେଶ୍ୱର ଦାମୀ ଦାମୀ ୯ଟି ପ୍ଲଟ୍ କିଣିଛନ୍ତି ଆଇଟିଡିଏ ପ୍ରକଳ୍ପ ଅଧିକାରୀ।

ଆଜି ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଟିମ୍ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଆଇଟିଡିଏ ବିଭାଗ ପ୍ରକଳ୍ପ ଅଧିକାର ବିଶ୍ୱଦର୍ଶୀ ସାହୁଙ୍କ ଘରେ ବଡ଼ ଧରଣର ଚଢ଼ଉ କରିଥିଲା।



ଚଢ଼ଉବେଳେ ତାଙ୍କ ଅମାପ ସମ୍ପତ୍ତିର ଠିକଣା ହାତରେ ଲାଗିଛି। ଭୁବନେଶ୍ୱର, ଯାଜପୁର, ବାଲେଶ୍ବର ଏବଂ ବଣାଇ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଛି। ଏଥିରେ ତାଙ୍କର ଗୋଟିଏ ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱରରେ ୨ଟି ଫ୍ଲାଟ୍, ୯ଟି ଦାମୀ ଜମି ଠାବ କରାଯାଇଛି। ସେହିପରି ୧୫୦ ଗ୍ରାମ ସୁନା ସହିତ ୨ ଲକ୍ଷ ୫ ହଜାର ନଗଦ ଟଙ୍କା ଜବତ ହୋଇଛି। ଗୋଟିଏ ଚାରି ଚକିଆ ଟାଟା ଟିଆଗୋ ଗାଡ଼ି ସହିତ ୪ଟି ବାଇକ ମିଳିଛି।ଏହା ସହିତ ତାଙ୍କ ସ୍ତ୍ରୀ ନାମରେ ବାପୁଜୀନଗର ଏସବିଆଇ ବ୍ୟାଙ୍କରେ ଗୋଟିଏ ଲକର୍ ଥିବାବେଳେ ବ୍ୟାଙ୍କ ବୀମା, ପୋଷ୍ଟାଲ ଜମା ଏବଂ ଅନ୍ୟ ନିବେଶ ମଧ୍ୟ ରହିଛି।

ଭୁବନେଶ୍ୱର ଓଲଡ୍ ଟାଉନସ୍ଥିତ ଶ୍ରୀରାମ ନଗରରେ ଦୁଇ ମହଲା ଘର ରହିଛି। ସେହିପରି ଲକ୍ଷ୍ମୀସାଗର ଭଗବାନ ଟାୱାରରେ ଗୋଟିଏ ଫ୍ଲାଟ୍ ରହିଥିବାବେଳେ ଖାରବେଳ ନଗରରେ ଇଭିଓସ୍ ଗାଲାକ୍ସିରେ ଫ୍ଲାଟ୍ କିଣିବାକୁ ଅଗ୍ରୀମ ୧୫ ଲକ୍ଷ ୭୫ ହଜାର ଟଙ୍କାଦେଇଛନ୍ତି । ଏହା ସହିତ ଭୁବନେଶ୍ୱର ଓ ପୁରୀରେ ରହିଛି ଏକାଧିକ ଜମି। ପୁରୁଣା ଭୁବନେଶ୍ୱରରେ ୩ଟି ପ୍ଲଟ୍, କୁକୁଡ଼ାଘାଇ, ବିଜିପୁର, ବଡ଼ଗଡ଼, ପାଇକରାପୁର, ବାଟଗାଁ, ଖୋର୍ଦ୍ଧା ଜଟଣୀ ଅନ୍ତର୍ଗତ ସାହାସପରୁରେ ଗୋଟିଏ ଲେଖାଏଁ ପ୍ଲଟ୍ ରହିଛି।

ଏହି ଚଢ଼ଉରେ ଜଣେ ସହକାରୀ ଏସପି, ୩ ଜଣ ଡିଏସପି, ୧୦ ଇନସ୍ପେକ୍ଟର ଏବଂ ଅନ୍ୟ ସହକାରୀ କର୍ମଚାରୀମାନେ ସାମିଲ ରହିଛି। ସୁନ୍ଦରଗଡ଼ ଜିଲ୍ଲା ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶରେ ଏହି ଯାଞ୍ଚ କରାଯାଉଛି।

# ଦୁଇ ଦୁର୍ଘଟଣାରେ ୫ ମୃତ

**ପଦ୍ମପୁର/ଆନନ୍ଦପୁର,୩୦।୧(ମହାଭାରତ):** ଆଜ ଦୁଇ ପୃଥକ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଛି। କ୍ରିକେଟ୍ ଖେଳି ସାରି ଉତ୍ସାହିତ ହୋଇ ଘରକୁ ଫେରିବା ବେଳେ ୩ ଜଣ ବାଇକ୍ ଆରୋହୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବାଇକ୍ ଆରୋହୀମାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧୀନ ବୁଡେନ୍ ଥାନା ଅଧୀନ ମହୁଲପାଲି ବ୍ରିଜ୍ ଉପରେ ଗୁରୁବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ବୁଡେନ ଥାନା ବାଜେନମୁଣ୍ଡା ଗାଁର ପଦ୍ମନ ଥପା, ଆକାଶ ପୋଢ ଓ ପଦ୍ମଲୋଚନ ଥପା। ସ୍ଥାନୀୟ ଲୋକଙ୍କର କହିବା ଅନୁସାରେ ପଦ୍ମପୁର ନିକଟସ୍ଥ ବାଜେନମୁଣ୍ଡା ଗାଁର ଖେଳାଳିମାନେ ବାଦେନ୍‌ବାହାଲ ଗାଁକୁ କ୍ରିକେଟ୍ ଖେଳିବା ପାଇଁ ଆଜି ଅପରାହ୍ଣରେ ଯାଇଥିଲେ। ସେଠାରେ ସେମାନେ ବିଜୟ ହାସଲ କରିଥିଲେ। ପରେ ମଉଜ ମଜଲିସ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଖେଳାଳିମାନଙ୍କ ମଧ୍ୟରୁ ୩ ଜଣ ଗୋଟିଏ ବାଇକ୍‌ରେ ଆସୁଥିଲେ। ପଦ୍ମପୁର ନିକଟସ୍ଥ ମହୁଲପାଲି ବ୍ରିଜ ଉପରେ ଏହି ୩ ଜଣ ଦୁର୍ଘଟଣାର ଶିକାର ହୋଇଥିଲେ।

କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥ ଘସିପୁରା ଥାନା ଶେଲଙ୍ଗ ନିକଟରେ ହାଇୱା ସହ ଧକ୍କା ହୋଇ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଉଛନ୍ତି ଘସିପୁରା ଥାନା ନଦୁଆଁ କଲୋନିର ଶୁଭମ୍ ଦେହୁରୀ (୧୮), ଦିପୁନ୍ ଖଟୁଆ (୧୮)। ଆହତ ହେଲେ ଦୀପକ ଦେହୁରୀ (୧୭)। ଆଜି ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବାଇକରେ ଶୁଭମ୍, ଦିପୁନ୍ ଓ ଦୀପକ ଗୋଟିଏ ବାଇକରେ ଯାଉଥିଲେ। ଶେଲଙ୍ଗ ବିଜି ମୋଟର୍ସ ନିକଟରେ ଏକ ହାଇୱା ସହିତ ସେମାନଙ୍କ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦିପୁନଙ୍କର ମୃତ୍ୟୁ ହୋଇଥିଲା।

# ଆଜି ଅର୍ଥନୈତିକ ସର୍ଭେ

**ନୂଆଦିଲ୍ଲୀ,୩୦।୧(ଏଜେନସି):** ଆସନ୍ତାକାଲି ଆରମ୍ଭ ହେଉଛି ସଂସଦର ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ। ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରିବେ। ଅର୍ଥନୈତିକ ସର୍ଭେ ୨୦୨୪-୨୫ ହେଉଛି ଏହି ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ପ୍ରଦର୍ଶନର ଆକଳନ ରିପୋର୍ଟ।

# ରାସନ କାର୍ଡ କେୱାଇସି ଅବଧି ବୃଦ୍ଧି

**ଭୁବନେଶ୍ୱର, ୩୦।୧ (ମହାଭାରତ) :** ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଅପଡେଟ୍ ୧୫ ଫେବ୍ରୁଆରି ପର୍ଯ୍ୟନ୍ତ ବଢ଼ିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ପୂର୍ବରୁ ଜାନୁଆରି ୩୧ ସୁଦ୍ଧା ଇ-କେୱାଇସି ଅପଡେଟ୍ ଲାଗି ଶେଷ ତାରିଖ ଭାବେ ସରକାର ଦିନ ଧାର୍ଯ୍ୟ କରିଥିଲେ। ଯଦି ସମୟ ସୁଦ୍ଧା ଏହା ଏହା ଶେଷ ନହୁଏ ତେବେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଥିଲେ।



ରାଜ୍ୟର ୩୯ ଲକ୍ଷ ହିତାଧିକାରୀ ଇ-କେୱାଇସି ଅପ୍ଡେଟ୍ କରି ନାହାନ୍ତି। ୨୯ ତାରିଖ ସୁଦ୍ଧା ୨ କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ କରିଛନ୍ତି ଇ-କେୱାଇସି ଅପେଡ୍ରେଟ୍।

ରାଜ୍ୟରେ ରହୁଥିବା ୨ କୋଟି ୯୫ ଲକ୍ଷ ୬୪ ହଜାର ୯୫୪ ଜଣ ଇ-କେୱାଇସି ଅପଡ଼େଟ୍ କରିଛନ୍ତି। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୨ ହଜାର ୩୭୮ ଜଣ ଇ-କେୱାଇସି ଅପଡ଼େଟ୍ କରିଛନ୍ତି। ଜାନୁଆରି ୨୯ ତାରିଖ ସୁଦ୍ଧା ମୋଟ୍ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେୱାଇସି ଅପଡ଼େଟ୍ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନାହାନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।'ରାସନ କାର୍ଡ ଫେରାଇବେନି ଠିକା କର୍ମଚାରୀ', ସ୍ପଷ୍ଟୀକରଣ କରିଛନ୍ତି ଯୋଗାଣ ମନ୍ତ୍ରୀ।

ସେହିପରି ରାସନ କାର୍ଡ ଫେରାଇବା ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ଠିକା କର୍ମଚାରୀଙ୍କୁ ରାସନ କାର୍ଡ ଫେରାଇବାକୁ କହି ନାହିଁ। ବଡ଼ ଚାକିରି କରି ନଥିବା ଲୋକଙ୍କୁ କାର୍ଡ ଫେରାଇବାକୁ କହିନି।ସେ ଆହୁରି କହିଛନ୍ତି ଯେ, ଯେଉଁମାନେ ୧୦ ରୁ ୧୨ ହଜାର ଟଙ୍କା ଦରମା ପାଉଛନ୍ତି ଅସୁବିଧା ନାହିଁ। ସେମାନଙ୍କୁ ଫେରାଇବାକୁ କହିନି କି ଫେରାଇବା ଦରକାର ନାହିଁ। ଯେଉଁମାନେ ଆଇଟି ରିଟର୍ଣ୍ଣ ଦାଖଲ କରୁଛନ୍ତି ସେମାନେ ଫେରାନ୍ତୁ।୩୦ ରୁ ୪୦ ହଜାର ଦରମା ପାଉଥିଲେ ରାସନକାର୍ଡ ଫେରାଇବାକୁ କହିଛନ୍ତି ଯୋଗାଣ ମନ୍ତ୍ରୀ। ଯଦି ସେମାନେ ନ ଫେରାନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ରାସନ କାର୍ଡ ଅପଡେଟ୍ ପାଇଁ ବଢ଼ିଲା ସମୟ ସୀମାୟ ଫେବୃଆରୀ ୧୫ ତାରିଖ ଯାଏଁ ବଢ଼ିଲା ରାସନ ଇ-କେୱାଇସି ଅପଡେଟ୍। ଅବଧି ବୃଦ୍ଧି ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଜାରି କରିଛନ୍ତି।

# ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ମାର୍ଗଦର୍ଶିକା

**ଭୁବନେଶ୍ୱର,୩୦।୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀଙ୍କ ସରକାରଙ୍କ ପକ୍ଷରୁ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି। ଆସନ୍ତା ଫେବ୍ରୁଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

୨୦୨୪-୨୫ରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ନୂଆ। ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ଏଥିପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି ଅଧୀନରେ ଥିବା ବ୍ଲକ୍‌ରେ ବ୍ଲକ୍‌ରେ ଖର୍ଚ୍ଚ ହେବ। ରାଜ୍ୟର ମୋଟ ୩୧୪ ବ୍ଲକ୍ ଭିତରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି। ଏ ସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ। ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଅବେଣ୍ଟନ ହେବ। ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ। ଗାଁରେ ବ୍ଲକ ଟପ୍ ରୋଡ୍, କଂକ୍ରିଟ୍ ରୋଡ୍ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ।

ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ। ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନି। ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳ ଭିତରେ ରହୁଥିବା ଲୋକଙ୍କ ପାଇଁ ମଧ୍ୟ ମେଟାଲିଂ ମାନର ରାସ୍ତା ନିର୍ମାଣ କରଯିବ।

ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଙ୍ଗଲ ଅଞ୍ଚଳରେ ରାସ୍ତା ତିଆରି ଉପରେ କଟକଣା ଥିଲା। ଏଣିକି ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ। ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବଧା ମିଳିବ। ପୂର୍ବାହ୍ନ ୯ଟାରୁ ରାତି ୯ଟା ଯିଏ ଏହା ଖୋଲା ରହିବ। ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଳ୍ପ ଦେୟ ଦେଇ ଆରାମରେ ବସି ପଢ଼ିପାରିବେ। ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ। ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମର୍କେଟ୍ ସେଡ୍ ତିଆରି ପାଇଁ ଟଙ୍କା ମିଳିବ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ।

ସବୁ ଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ପାଇଁ ପାଣ୍ଠି ଖର୍ଚ୍ଚ ହେବ। ଧାର୍ମିକସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣି ସୁବିଧା କରାଯିବ ପଞ୍ଚାୟତରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ୟବସ୍ଥା ହେବ।

ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯେଜନାରୁ ପାଣ୍ଠି ମିଳିବ। ବିଦ୍ୟାଳୟର ଆଧୁନିକୀକରଣ, ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ। ଲମ୍ଫ ଡ଼ିଆଁ ଓ ଉଚ୍ଚ ଡ଼ିଆଁ ପାଇଁ ବ୍ୟବସ୍ଥା ରହିବ। ସବୁଠୁ ବଡ଼ କଥା ହେଉଛି, ନୂଆ ସରକାର ପୁରୁଣା ପ୍ରକଳ୍ପର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାଣ୍ଠି ଦେବାକୁ ନିଷ୍ପତ୍ତି ନେଇଛନ୍ତି।ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଆରମ୍ଭ ହୋଇ ଅଟକି ଯାଇଥିବା ପ୍ରକଳ୍ପ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରୁ ଟଙ୍କା ଦେଇ ହେବ।

ତେବେ ପୁରୁଣା ପ୍ରକଳ୍ପ କାମରେ ମୋଟ ପାଣ୍ଠିର ୨୦ ପ୍ରତିଶତରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ଯାଇ ଏହାକୁ ଆଗେଇବାକୁ ଅନୁମତି ମିଳିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି। ସବୁ ପଞ୍ଚାୟତ ଗ୍ରାମସଭା ଡାକି ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପାଇଁ ପ୍ରକଳ୍ପ ଚୟନ କରିବେ। ଗ୍ରାମସଭାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରାଯିବ।

# ଓଡ଼ିଶାରେ ହେବ ଗୁଜୁରାଟର ମେଗା ଫୁଡ଼ ପାର୍କ

**ଭୁବନେଶ୍ୱର, ୩୦।୦୧(ମହାଭାରତ):** ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ସମାପ୍ତ ହେବା ପରେ ମଧ୍ୟ ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟିଛି। ଗୁଜୁରାଟର ଫଣିଧର ଗ୍ରୁପ ଓଡ଼ିଶାରେ ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଗ୍ରୁପ ଓଡ଼ିଶାରେ ଶୀତଳ ଭଣ୍ଡାର କରିବା ସହିତ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା କରିବା ନେଇ ଆଗ୍ରହ ଦେଖାଇଛନ୍ତି। ଏହି ପରିପ୍ରେକ୍ଷିରେ ଫଣିଧର ଗ୍ରୁପର ଚେୟାରମ୍ୟାନ କୃଣାଲ ପଟେଲ ଓ ପ୍ରେସିଡେଣ୍ଟ ଡ଼ ବିଭୁ ପ୍ରସାଦ ସ୍ୱାଇଁ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତକରି ଏହି ବିଷୟରେ ଆଲୋଚନା କରିଛନ୍ତି।

କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ନିବେଶକ ଅନୁକୂଳ ନୀତି ନିର୍ଦ୍ଧାରିତ କରିଛନ୍ତି। ଏତଦବ୍ୟତୀତ ବିଭିନ୍ନ ଯୋଜନା ମାଧ୍ୟମରେ ସବସିଡ଼ି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଦିଆ। ଯାଉଥିବା ସୁବିଧାର ଲାଭ ମଧ୍ୟ ଏହି କମ୍ପାନୀ ପାଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଫଣିଧର ଗ୍ରୁପ ଗୁଜୁରାଟର ଏକ ନାମକରା କୃଷି ଉଦ୍ୟୋଗ। ଗୁଜୁରାଟର ମେହେସାନାରେ ଏହାର ଏକ ମେଗା ଫୁଡ଼ ପାର୍କ ରହିଛି। ସେହିଭଳି ଏକ ମେଗା ଫୁଡ଼ ପାର୍କ ପରବର୍ତ୍ତୀ ସମୟରେ ଓଡ଼ିଶାରେ ମଧ୍ୟ ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଇଚ୍ଛାପ୍ରକାଶ କରିଛନ୍ତି।

# ଯାନବାହନର ଫିଟ୍‌ନେସ୍ ଯାଞ୍ଚ କରିବ ଏଟିଏସ୍

**କଟକ, ୩୦।୧ (ମହାଭାରତ) :** ରାଜ୍ୟ ସରକାର ଯାନବାହନ ଫିଟନେସ୍ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟ ରଖିଛନ୍ତି। ଏଥି ପାଇଁ ପରିବହନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁସାରେ ରାଜ୍ୟରେ ଯାନବାହନଗୁଡ଼ିକର ଫିଟନେସ ପରୀକ୍ଷା କରାଯିବ। ଏଥି ପାଇଁ ଏଟିଏସ୍ ବ୍ୟବସ୍ଥା କରାଯାଉଛି। ପ୍ରାରମ୍ଭିକ ଭାବେ ଏହା କଟକରୁ ଆରମ୍ଭ ହୋଇଯାଇଛି।



ରାସ୍ତାରେ ଗଡୁଥିବା ଗାଡ଼ିଥିବା ଫିଟନେସ୍ ଠିକ ରହିବା ଆବଶ୍ୟକ। ଗାଡିର ଫିଟନେସ ଠିକ୍ ଥିଲେ ଦୁର୍ଘଟଣା ହ୍ରାସ ପାଇବ। ଲୋକଙ୍କର ଧନଜୀବନ ସୁରକ୍ଷିତ ରହିବ। କିନ୍ତୁ ଅବହେଳା କାରଣରୁ ଅନେକ ଲୋକ ସେମାନଙ୍କର ଗାଡ଼ିକୁ ଫିଟ୍ନେସ ରଖୁ ନାହାନ୍ତି। ବହୁତ ଗାଡ଼ି ଚାଳକ ଅଛନ୍ତି ଯେଉଁମାନେ ବିନା ଫିଟନେସ୍ ପ୍ରମାଣପତ୍ରରେ ଗାଡ଼ି ଚଲାଉଛନ୍ତି। କିଛି ଲୋକ ସରକାରୀ ନିୟମ ଅନୁସାରେ ଫିଟନେସ୍ ସାର୍ଟିଫିକେଟ ବାହାର କରୁନାହାନ୍ତି। ତେଣୁ ଏଭଳି ମନମାନି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଫିଟନେସ ପ୍ରମାଣପତ୍ର ନଥିବା ଗାଡ଼ି ରାସ୍ତାରେ ଚାଲି ପାରିବ ନାହିଁ।

ରାଜ୍ୟରେ ପ୍ରଥମ ଥର ପାଇଁ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା (ଏଟିଏସ୍) ପଞ୍ଜୀକୃତ ହୋଇଛି। କଟକସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଅଧୀନରେ ଏହାର ସ୍ଥାପନା ହୋଇଛି। ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡ଼ିର ଫିଟନେସ ପରୀକ୍ଷା କରିବୟ କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ଗାଡ଼ିର ଫିଟନେସ ପରୀକ୍ଷା ପାଇଁ ଏଟିଏସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି।

ଆଗକୁ ରାଜ୍ୟରେ ଆହୁରି ୨୧ଏଟିଏସ ସ୍ଥାପନା ହେବ। ଏହି ବ୍ୟବସ୍ଥା ସଡ଼କ ସୁରକ୍ଷା କ୍ଷେତ୍ରରେ ଯାନର ସ୍ଥିତି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ରାସ୍ତାରେ ଗାଡ଼ି ଚାଲିବା ପାଇଁ ଗାଡ଼ିର ସ୍ଥିତି କିଭଳି ଥିବା ଦରକାର। ସେଥିପାଇଁ ମୋଟର ଯାନ ନିୟମାବଳୀ ରହିଛି। ତେବେ ପୂର୍ବରୁ ଫିଟନେସ ସାର୍ଟିଫିକେଟ ତଥା ଗାଡ଼ିର ପଞ୍ଜୀକରଣ ନବୀକରଣ ମନୁଷ୍ୟ ମୂଲ୍ୟାୟନ ଆଧାରରେ ହେଉଥିଲାୟ ଏହି ପରୀକ୍ଷଣ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଫିଟନେସ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ରାସ୍ତାକୁ ଯିବା ପାଇଁ ଯୋଗ୍ୟ ନ ଥିବା ଗାଡ଼ି ସ୍ୱୟଂକ୍ରିୟ ପଦ୍ଧତିରେ ବାଦ୍ ପଡ଼ିବେ, ଯାହା ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

# କୁମ୍ଭ ମେଳାକୁ ଓଏସ୍ଆରଟିସିର ବସ୍ ବାତିଲ

**ଭୁବନେଶ୍ୱର, ୩୦।୧ (ମହାଭାରତ):** ମହାକୁମ୍ଭ ମେଳାରେ ଦଳାଚକଟା ଘଟଣା ପରେ ରାଜ୍ୟ ସରକାର ଓଡ଼ିଶାରୁ ଅଯୋଧ୍ୟା ଯାତାୟତ କରୁଥିବା ବସ୍ ସେବାକୁ ବାତିଲ କରିଛନ୍ତି । ଅପ୍ରୀତିକର ପରିସ୍ଥିତି ଯୋଗୁ ମହାକୁମ୍ଭ ମେଳା ୨୦୨୫ ପାଇଁ ଓଡ଼ିଶାରୁ ଅଯୋଧ୍ୟା ଯାଉଥିବା ଓଡ଼ିଶା ପରିବହନ ନିଗମର ସ୍ୱତନ୍ତ୍ର ବସ୍ ସେବାକୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି ବୋଲି ସୂଚନା ଦିଆଯାଇଛି।





ଓଡ଼ିଶା ରାଜ୍ୟ ପରିବହନ ନିଗମ ନିଜର 'ଏକ୍ସ' ହ୍ୟାଣ୍ଡଲ ମାଧ୍ୟମରେ ଏହି ଜରୁରୀ ସୂଚନା ଜାରି କରିବା ସହ ଶ୍ରଦ୍ଧାଳୁଙ୍କ ଅସୁବିଧା ପାଇଁ ଦୁଃଖ ବ୍ୟକ୍ତ କରିଛି। ଏହା ସହିତ ଯେଉଁମାନେ ଟିକେଟ୍ କରିସାରିଛନ୍ତି ସେମାନେ ନିଜର ଟଙ୍କା ଫେରସ୍ତ ନେବା ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ନିଗମ ପକ୍ଷରୁ ୩ଟି ସହାୟତା ନମ୍ବର (ହ୍ୱାଟସଅପ-୭୮୪୯୦୫୨୨୦୫, ମୋବାଇଲ ନମ୍ବର-୯୯୩୭୫୪୭୭୭୩, ୧୮୦୦୩୪୫୧୧୨୨) ମଧ୍ୟ ଜାରି କରାଯାଇଛି।

ପ୍ରୟାଗରାଜଠାରେ ମହାକୁମ୍ଭ ମେଳାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଜାନୁୟାରୀ ୧୩ରୁ ଫେବୃୟାରୀ ୨୬ତାରିଖ ପର୍ଯ୍ୟନ୍ତ ଆରାମଦାୟକ ବସ୍ ସେବା ଆରମ୍ଭ କରିଥିଲେ। ଏହି ବସ୍ ପୁରୀ, ସମ୍ବଲପୁର,ଭବାନୀପାଟଣା ଓ ବ୍ରହ୍ମପୁର ସହରରୁ ବାରାଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ଯାଉଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଅଯୋଧ୍ୟାଠାରେ ମଧ୍ୟ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଥିଲା।

# ପରିବାରରକୁ ନିଶା ଦେଇ ନାବାଳିକା ଫେରାର

**ଯାଜପୁର, ୩୦।୧ (ମହାଭାରତ) :** ପ୍ରେମିକକୁ ପାଇବା ପାଇଁ ଜଣେ ୧୩ ବର୍ଷର ନାବାଳିକା ନିଜ ବାପା, ମା ଓ ତିନି ଭାଇ ଭଉଣୀଙ୍କୁ ନିଶା ଦେଇ ଅଚିତ୍ କରିଲା ପରେ ପ୍ରେମିକ ସାଙ୍ଗରେ ଛୁ ମାରିଛି। ଏପଟେ ବାପା, ମା'ଙ୍କ ସମେତ ପରିବାରର ୫ ଜଣ ସଦସ୍ୟ ଗୁରୁତର ଅବସ୍ଥାରେ ଯଜାତି କେଶରୀ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ପ୍ରେମ ପାଇଁ କିପରି ଜଣେ ନାବାଳିକା ତା ପରିବାରର ଭଲ ପାଇବାକୁ ତୁଚ୍ଛ ଭାବି ପରିବାରର ସମସ୍ତଙ୍କୁ ନିଶା ଦେଇ ଘରୁ ପ୍ରେମିକ ସହିତ ଫେରାର ହୋଇ ଯାଇଛି ତାହା ସାଧାରଣରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ଯୁବତୀ ଜଣଙ୍କ ଗଲା ବେଳେ ସାଙ୍ଗରେ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ମଧ୍ୟ ନେଇ ଚାଲି ଯାଇଛି। ଯାଜପୁର ଜିଲ୍ଲା କୁଆଖିଆ ଥାନା ନଠୁଆବର ଗାଁରେ ଏଭଳି ଘଟଣା ଘଟିଛି। ଯୁବତୀ ଜଣଙ୍କ ପ୍ରେମିକର ପ୍ରେମ ଜାଲରେ ଏଭଳି ଉବୁଟୁବୁ ହେଉଥିଲା ଯେ, ପରିବାର ଲୋକଙ୍କୁ ଖାଦ୍ୟରେ ନିଶା ଔଷଧ ଦେଇ ଅଚେତ୍ କରିବା ପରେ ସୁନା ଗହଣା ଓ ଟଙ୍କା ପଇସା ସହ ପ୍ରେମିକ ସହିତ ଫେରାର ହୋଇ ଯାଇଛି। ଚିକିତ୍ସାଧୀନ ଥିବା ବାପା ମା'ଙ୍କ ସମେତ ୫ଜଣ ପରିବାର ସଦସ୍ୟଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଟା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



ଖବର

# ୟୁଟ୍ୟୁବରେ ଟ୍ରେଣ୍ଡ କରୁଛି 'ଥଣ୍ଡେଲ' ଟ୍ରେଲର




'ଚନ୍ଦୁ ମୋଣ୍ଡେଟି ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଥଣ୍ଡେଲ' ଫେବୃଆରୀ ୭ରେ ପ୍ରେକ୍ଷାଳୟକୁ ଆସିବାକୁ ପ୍ରସ୍ତୁତ। ମୁକ୍ତିଲାଭ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟା ୭ଟା। ୪୧ରେ 'ଥଣ୍ଡେଲ'ର ଟ୍ରେଲର ରିଲିଜ୍ ହୋଇଛି। ନାଗା ଚୈତନ୍ୟ ଓ ସାଇ ପଲ୍ଲବୀଙ୍କ ଫିଲ୍ମର ଟ୍ରେଲର ପ୍ରଶଂସକଙ୍କୁ ଖୁବ୍ ପସନ୍ଦ ଆସିଛି। ଟ୍ରେଲର ରିଲିଜ୍ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଏହାକୁ ବହୁତ ଭଲ ପ୍ରତିକ୍ରିୟା ମିଳିଛି। ଏହି ଚଳଚ୍ଚିତ୍ର ଦେଶଭକ୍ତିର ପ୍ରେମ କାହାଣୀ ଉପରେ ଆଧାରିତ, ଯେଉଁଥିରେ ମନୋରଞ୍ଜନର ସମସ୍ତ ଖୋରାକ ଭରି ରହିଛି।୨ ମିନିଟ୍ ୨୨ ସେକେଣ୍ଡର ଟ୍ରେଲରରେ ରାଜୁ(ନାଗା ଚୈତନ୍ୟ) ଓ ବୁଜ୍ଜୀ(ସାଇ ପଲ୍ଲବୀ)ଙ୍କ ଜୀବନ କାହାଣୀର ଝଲକ୍ ଦେଖିବାକୁ ମିଳିଛି। ରାଜୁ ଜଣେ ମତ୍ସ୍ୟଜୀବୀ, ଯିଏ ବୁଜ୍ଜୀଙ୍କୁ ବହୁତ ଭଲପାଆନ୍ତି ଓ ଯିଏ ହେଉଛନ୍ତି ତାଙ୍କ ସାହାରା। ସମୁଦ୍ରରେ ତାଙ୍କର ଏକ ଅଭିଯାନ ସମୟରେ ରାଜୁ ପାକିସ୍ତାନୀ ସେନା ଦ୍ୱାରା ସୀମା ଅତିକ୍ରମ ଅଭିଯୋଗରେ ଗିରଫ ହେଉଛନ୍ତି। ୟୁଟ୍ୟୁବରେ 'ଥଣ୍ଡେଲ' ଟ୍ରେଲରକୁ ଭଲ ପ୍ରତିକ୍ରିୟା ମିଳିଛି। ଫିଲ୍ମକୁ ୧୭ ଘଣ୍ଟାରେ ୟୁଟ୍ୟୁବରେ ୭.୧ ମିଲିୟନ୍ ଭ୍ୟୁଜ୍ ମିଳିଛି ଏବଂ ସମୟ ସହିତ ଏହା ବଢିଚାଲିଛି। ଟ୍ରେଲର ଦେଖିବା ପରେ ପ୍ରଶଂସକଙ୍କ କମେ□ର ସୁଅ ଛୁଟିଛି। ଫେବୃଆରୀ ୭ରେ ତେଲୁଗୁ, ତାମିଲ ଓ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବ ଏହି ଚଳଚ୍ଚିତ୍ର।

# ମସ୍ତିଷ୍କ ରେଖାରେ ଲୁଚିଛି ଭାଗ୍ୟ



ମଣିଷର ଭାଗ୍ୟ ମଥାରେ ଲେଖାଥାଏ ବୋଲି କୁହାଯାଏ। ମଥାରେ ଥିବା ରେଖା ବ୍ୟକ୍ତିର ଭାଗ୍ୟ ର୍ନିଧାରିତ କରିଥାଏ ବୋଲି ପୁରାତନ ଯୁଗରୁ ବିଶ୍ୱାସ ରହିଛି। ଭାଗ୍ୟ ଦର୍ଶାଇବା ପାଇଁ ମସ୍ତିସ୍କରେ ୭ଟି ରେଖା ଥାଏ। ପ୍ରତ୍ୟେକ ରେଖା ଗୋଟିଏ ଗ୍ରହର ପ୍ରତିନିଧିତ୍ୱ କରିଥାନ୍ତି। ମସ୍ତିସ୍କରେ ସବୁଠାରୁ ତଳେ ଚନ୍ଦ୍ରମା ରେଖା ଅବସ୍ଥିତ। ଚନ୍ଦ୍ରମା ମନର କାରକ। ଏହି ରେଖା ସ୍ପଷ୍ଟ ଥିଲେ ଚନ୍ଦ୍ରମା ବଳବାନ ହୋଇଥାଏ। ଯେଉଁ ବ୍ୟକ୍ତିଙ୍କର ଚନ୍ଦ୍ରମା ରେଖା ସ୍ପଷ୍ଟ ସେମାନେ ସୃଜନଶୀଳ କାର୍ଯ୍ୟକଳାପ ସହ ଜଡିତ ଥାଆନ୍ତି। ଏମାନେ ବିଶେଷତଃ ଭଲ କଳାକାର ହୋଇଥାନ୍ତି ଏବଂ ଏମାନଙ୍କ ସ୍ମରଣ ଶକ୍ତି ବହୁତ ଭଲ। ଚନ୍ଦ୍ରମା ରେଖା ଉପରେ ବୁଧ ରେଖା ଅବସ୍ଥିତ। ଏହା ଭଲ ସ୍ୱାସ୍ଥ୍ୟ ଓ ତର୍କ ବୁଦ୍ଧିଯୁକ୍ତ ହୋଇଥାନ୍ତି। ଏହି ରେଖା ସ୍ପଷ୍ଟ ଥିଲେ ବ୍ୟକ୍ତି ସଫଳ ବ୍ୟବସାୟୀ ଏବଂ ଏମାନଙ୍କ ବିଚାରଧାରା ସକ୍ରିୟ୍ୟ ବୁଧ ରେଖା ଉପରେ ଶୁକ୍ର ରେଖା ଥାଏ। ଯେଉଁମାନଙ୍କ ଶୁକ୍ର ରେଖା ସବଳ ସେମାନେ ସୁନ୍ଦର ଓ ସମସ୍ତ ଲୌକିକ ସୁଖ ଭୋଗ କରିଥାନ୍ତି। ଶୁକ୍ର ରେଖା ଉପରେ ସୂର୍ଯ୍ୟ ରେଖା ରହିଛି। ଏହା ପ୍ରଶାସନିକ ଓ ପରିଚାଳନା ମାମଲାରେ ସଫଳତା ପ୍ରଦାନ କରିଥାଏ। ବ୍ୟକ୍ତି ଶାସନ ସହ ଜଡିତ ମାମଲାରେ ସଫଳତା ଅର୍ଜନ କରିଥାଏ। ସୂର୍ଯ୍ୟ ରେଖା ଉପରେ ମଙ୍ଗଳ ରେଖା ଅବସ୍ଥିତ। ଏହିଭଳି ବ୍ୟକ୍ତି ସବଳ ଯୋଦ୍ଧା, ବୀର ଓ ସାହସୀ ହୋଇଥାନ୍ତି। ଏମାନେ ଅନୁଶାସନ ପ୍ରିୟ ହୋଇଥାନ୍ତି ଏବଂ ଜୀବନରେ ମହତ୍ୱପୂର୍ଣ୍ଣ ପଦବୀ ପ୍ରାପ୍ତ କରିଥାନ୍ତି। ମସ୍ତିଷ୍କର ଉପରୁ ଦ୍ୱିତୀୟ ରେଖା ଗୁରୁଙ୍କ ରେଖା। ଏହି ରେଖା ଦର୍ଶାଇଥାଏ ବ୍ୟକ୍ତି ଜ୍ଞାନୀ ଓ ଅନୁଭବଶୀଳ ହୋଇଥାନ୍ତି। ସମାଜରେ ପ୍ରତିଷ୍ଠା ଲାଭ କରନ୍ତି। ଭଲ ପରାମର୍ଶଦାତା ହୋଇଥାନ୍ତି। ମସ୍ତିଷ୍କରେ ସବୁଠାରୁ ଉପରେ ଶନି ରେଖା ରହିଥାଏ। ଉନ୍ନତ ରେଖା ହୋଇଥିଲେ ବ୍ୟକ୍ତି ଦୀର୍ଘାୟୁ ହୋଇଥାନ୍ତି। ଏହି ରେଖା ଅଲୌକିକ ବିଷୟରେ ରୁଚି ପ୍ରଦାନ କରିଥାଏ। ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ତୀକ୍ଷ୍ଣ ଦୃଷ୍ଟିଶକ୍ତି ଯୁକ୍ତ ହୋଇଥାନ୍ତି।

# ଆଖି ତଳ କଳାଦାଗ କମ୍ କରିବେ କିପରି

ମହିଳା ଓ ପୁରୁଷ ଉଭୟଙ୍କର ଅନେକ ସମୟରେ ଆଖିତଳ କଳାଦାଗ ସମସ୍ୟା ଦେଖାଯାଏ। ଘରୋଇ ଉପାୟରେ ଏଥିରୁ ରକ୍ଷା ପାଇହେବ। କାମର ଚାପ, ମାନସିକ ଅଶାନ୍ତି ବଢ଼ିଲେ ହିଁ ଆଖିତଳ କଳାଦାଗ ପଡ଼େ।

■ ଆଳୁ ରସକୁ ବାହାର କରି ଏକ ପାତ୍ରରେ ରଖିବେ। ତୁଳାରେ ସେହି ରସକୁ ନେଇ ଆଖି ଉପରେ ୫ ମିନିଟ୍ ରଖି ବିଶ୍ରାମ ନେବେ। ପ୍ରତିଦିନ ଏଇ ଉପାୟ କଲେ ସମସ୍ୟାର ସମାଧାନ ହୋଇଥାଏ।

■ କାକୁଡ଼ିକୁ ଗୋଲ ଆକାରରେ କାଟି ଆଖି ଉପରେ ରଖିଲେ ମଧ କଳା ଦାଗ କମ୍ ହେଉଥିବାର ଦେଖାଯାଇଛି।





■ ଦହିରେ ବେସନ ଅଳ୍ପ ମିଶାଇ ଆଖି ଚାରିପାଖରେ ଲଗାଇ ୫ ମିନିଟ୍ ପରେ ଲାଭ ମିଳେ।

ଧୋଇନେବେ।

■ ବାହାରକୁ ଯିବା ପୂର୍ବରୁ ସନ୍ ଗ୍ଲାସ୍ ଲଗାଇବା ଜରୁରୀ। ବାହାରୁ ଆସିବା ପରେ ଥଣ୍ଡା ପାଣିରେ ଛିଟା ମାରନ୍ତୁ।

■ ଖରାରୁ ଆସିବା ପରେ ବରଫକୁ ନିୟମିତ ଆଖି ଚାରିପାଖେ ମାଲିସ୍ କଲେ

# ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ

ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।

ସୌରିଗ୍ରହରାଜେ ମହାବଳ: ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ ଜାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ର୍ନିଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି । ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।



# ଗ୍ଲୋଇଙ୍ଗ୍ ସ୍କିନ୍ ପାଇଁ ବାଦାମ ଫେସ୍ ପ୍ୟାକ୍

ସୁନ୍ଦର ଦେଖାଯିବାକୁ ମହିଳାମାନେ ବିଭିନ୍ନ ଟିପ୍ସ ଗ୍ରହଣ କରିବା ସହିତ ଟ୍ରିଟମେଣ୍ଟ ମଧ୍ୟ କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଘରେ ଫେସ୍ ପ୍ୟାକ୍ ତିଆରି କରି ଆପଣ ନିଜର



ସୌନ୍ଦର୍ଯ୍ୟକୁ ବଢାଇପାରିବେ। ଘରେ ତିଆରି ଫେସ୍ ପ୍ୟାକ୍ ଯେକୌଣସି ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିପାରେ। ସେଥିମଧ୍ୟରୁ ଗୋଟିଏ ହେଉଛି ବାଦାମରେ ତିଆରି ଏକ ଫେସ୍ ପ୍ୟାକ୍। ବାଦାମରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ରେଟିନୋଲ ଏବଂ ଭିଟାମିନ୍ ଇ ତ୍ୱଚାକୁ ଚମକାଇବାରେ ସାହାଯ୍ୟ କରିଥାଏ। ଆପଣ ଚର୍ମର ରଙ୍ଗ ବଢାଇବା ପାଇଁ ବାଦାମ ଫେସ୍ ପ୍ୟାକ୍ ମଧ୍ୟ ବ୍ୟବହାର କରିପାରିବେ। ତେବେ ଚାଲନ୍ତୁ ଜାଣିବା ବାଦାମ ଫେସ୍ ପ୍ୟାକ୍‌ର ଉପକାରିତା ଏବଂ ଏହାକୁ କିପରି ପ୍ରସ୍ତୁତ କରିବେ।

ବାଦାମ ଫେସପ୍ୟାକରୁ ମିଳୁଥିବା ଫାଇଦା :

ବାଦାମ ଭିଟାମିନ୍-ଇ ର ସର୍ବୋତ୍ତମ ପ୍ରାକୃତିକ ଉତ୍ସ, ଯାହା ଚେହେରାକୁ ବହୁ ପରିମାଣରେ ମଇଶ୍ଚୁରାଇଜର କରିଥାଏ। ବାଦାମ ଫେସ୍ ପ୍ୟାକ୍ ମୁହଁରେ ଲଗାଇବା ଦ୍ୱାରା ସମସ୍ତ ଦାଗ କମିଯାଇଥାଏ ଏବଂ ଚେହେରାରେ ଏକ ଭିନ୍ନ ରଙ୍ଗ ଆଣିଥାଏ। ଏହା ଆମ ଚର୍ମକୁ ଭିତରୁ ସଫା କରିଥାଏ ଏବଂ ଏହାର ରଙ୍ଗକୁ ବଢାଇଥାଏ। ଯଦି ଆପଣଙ୍କ ସ୍କିନ୍ ଅଏଲି, ତେବେ ବାଦାମ ଫେସ୍ ପ୍ୟାକ୍ ପ୍ରୟୋଗ କରିବା ଦ୍ୱାରା କଳା ଦାଗ, ବ୍ରଣ ଦାଗ ଦୂର ହୋଇଥାଏ। ତ୍ୱଚାକୁ ଚମକିବା ଏବଂ ଦାଗହୀନ କରିବାରେ ଏହା ବହୁତ ସହାୟକ ହୋଇଥାଏ।

ସାମଗ୍ରୀ :୮-୧୦ ଟି ବାଦାମ, ୧ କପ୍ କ୍ଷୀର

ରାତିରେ ବାଦାମକୁ ଭିଜାଇ ରଖନ୍ତୁ। ପରଦିନ ବାଦାମରୁ ଚୋପା ଛଡାଇ ତାହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ କ୍ଷୀର ମିଶାଇ ଫେସପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାପରେ ପ୍ରଥମେ ମୁହଁକୁ ଭଲଭାବରେ ସଫା କରନ୍ତୁ। ମୁହଁ ଏବଂ ବେକରେ ଭଲଭାବରେ ଫେସପ୍ୟାକ୍ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଏବଂ ପରେ ମୁହଁକୁ ସଫା ପାଣିରେ ଧୋଇଦିଅନ୍ତୁ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁଷ୍ଠ ନିରାକରଣ ଦିବସ

**ଭୁବନେଶ୍ୱର,୩୦।୧ (ମହାଭାରତ):** କୁଷ୍ଠ ରୋଗକୁ ସହଜରେ ଚିହ୍ନଟ କରାଯାଇପାରେ ଏବଂ ଏହା ଆରୋଗ୍ୟସାଧ୍ୟ। ବ୍ୟାପକ ସଚେତନତା ଅଭାବରୁ ଏହା ଆଜିର ସମୟରେ ମଧ୍ୟ ଏକ ବ୍ୟାଧି ରୂପେ ଠିଆ ହୋଇଛି। କୁଷ୍ଠ ରୋଗର ସଠିକ ସମୟରେ ଚିହ୍ନଟ ଓ ଚିକିତ୍ସା ତାସହ ଉତ୍ତମ ବ୍ୟବହାର ପ୍ରଦାନ କରାଗଲେ କୁଷ୍ଠ ରୋଗକୁ ପରାହତ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କୁଷ୍ଠମୁକ୍ତ ଭାରତ ସ୍ୱପ୍ନକୁ ସାକାର କରାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୩୦ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଢିବାର ସ୍ୱପ୍ନ ସାକାର କରିବାକୁ ହେଲେ ସମସ୍ତଙ୍କର ସାମାଜିକ ସହଯୋଗ ଓ ଛାତ୍ର-ଛାତ୍ରୀଙ୍କ ମଧ୍ୟରେ ଜନ ସଚେତନତାକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ପାଳିତ କୁଷ୍ଠ ନିରାକରଣ ଦିବସ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଡ଼ଃ ମହାଲିଙ୍ଗ ଉଲ୍ଲେଖ କରିଛନ୍ତି। କୁଷ୍ଠ ରୋଗର ଯେତେ ଶୀଘ୍ର ଚିହ୍ନଟ ହେବ, ସେତେ ଶୀଘ୍ର ତାର ନିରାକରଣ କରାଯାଇପାରିବ। ଅନ୍ୟ ରୋଗ ଭଳି ଏହା ମଧ୍ୟ ଏକ ଆରୋଗ୍ୟସାଧ୍ୟ ରୋଗ। ତେଣୁ କୁଷ୍ଠ ରୋଗକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଚିକିତ୍ସା ସହିତ ସାମାଜିକ ସହଯୋଗ ମିଳିଲେ ଏହି ରୋଗକୁ ସମ୍ପୂର୍ଣ୍ଣ ପରାଜିତ କରାଯାଇପାରିବ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ. କହିଛନ୍ତି।

ଏହି ଅବସରରେ ରାଜ୍ୟର ଅଗଣିତ କୁଷ୍ଠ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଓ ସେବା ମାଧ୍ୟମରେ ଭଲ କରିଥିବା ଝାରସୁଗୁଡାର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଲକ୍ଷ୍ମଣ କୁମାର କାର୍ମିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ କୁଷ୍ଠ ରୋଗ ସମୟର ଯାତନା ଏବଂ କୁଷ୍ଠ ରୋଗରୁ ମୁକ୍ତି ପାଇଲା ପରେ ଯେକୌଣସି ବ୍ୟକ୍ତିର ଆନନ୍ଦ ଓ ଆଶୀର୍ବାଦ ମନେପକାଇ ଭାବବିହ୍ୱଳ ହୋଇଯାଇଥିଲେ। ସ୍ୱର୍ଗତ ପିତାମାତାଙ୍କ ଆଶୀର୍ବାଦ ବିନା ଏହା ସମ୍ଭବ ହୋଇପାରିନଥାନ୍ତା ବୋଲି ସେ କହିଥିଲେ। କୁଷ୍ଠ ନିରାକରଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଜି ତିନିଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ନୀଳକଣ୍ଠ ମିଶ୍ର, ବରିଷ୍ଠ ବିଭାଗୀୟ ଅଧିକାରୀ, ଛାତ୍ର-ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟ, ଫାର୍ମା ଏବଂ ବାୟୋଟେକ୍ନୋଲୋଜିରେ ୪୩୪୯ କୋଟିର ପୁଞ୍ଜି ନିବେଶ

**ଭୁବନେଶ୍ୱର,୩୦।୧ (ମହାଭାରତ):** ଉତ୍କର୍ଷ ଓଡିଶା: ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ରେ ସ୍ୱାସ୍ଥ୍ୟ, ଫାର୍ମା ଏବଂ ବାୟୋଟେକ୍ନୋଲୋଜି ଉପରେ ୟୁନିଭରସାଲ ହେଲଥ ଆଣ୍ଡ ୱେଲନେସ ଇନ୍ ଓଡ଼ିଶା ଶୀର୍ଷକ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି, ଯାହାଦ୍ୱାରା ଓଡିଶାର ଆର୍ଥିକ-ସାମାଜିକ ସ୍ଥିତିରେ ଆଶାତୀତ ଉନ୍ନତି ଆସିବ। ଶିଳ୍ପ, ଏକାଡେମୀ ଏବଂ ସମାଜ ମଧ୍ୟରେ ସହଭାଗୀତାକୁ ପ୍ରୋତ୍ସାହିତ କରି ଉଭୟ ମୌଳିକ ଏବଂ ପ୍ରୟୋଗିକ ଗବେଷଣା ତଥା ବୈଷୟିକ ଜ୍ଞାନକୌଶଳ ଉପରେ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାର ଓଡିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪ ପ୍ରଣୟନ କରିଛନ୍ତି। ଯାହା ନିବେଶକ ମାନଙ୍କୁ ଆକୃଷ୍ଟ କରୁଛି।

ରାଜ୍ୟର ଅସୀମ ସୁଯୋଗ ଏବଂ ସମ୍ଭାବନାକୁ ପ୍ରଦର୍ଶିତ କରିବା ପାଇଁ ଉତ୍କର୍ଷ ଓଡ଼ିଶା ହେଉଛି ଏକ ଉପଯୁକ୍ତ ପ୍ଲାଟଫର୍ମ। ଆଜି ଓଡିଶା ନବସୃଜନ ଏବଂ ପୁଞ୍ଜି ବିନିଯୋଗର ଏକ ହବ୍ ଭାବରେ ଉଭା ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ଓଡିଶା ସରକାରଙ୍କ ବିକଶିତ ଓଡ଼ିଶା- ୨୦୩୬ର ସ୍ୱପ୍ନକୁ ସାକାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସରକାରଙ୍କ ସହ ହାତ ମେଳାଇବା ଦରକାର। ସରକାରଙ୍କ ପ୍ରକୃତ ଲକ୍ଷ୍ୟ ହେଉଛି ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ବୋଲି ମନ୍ତ୍ରୀ ଡ଼ଃ ମହାଲିଙ୍ଗ ଉଲ୍ଲେଖ କରିଛନ୍ତି। ସୁପର ସ୍ପେସିଆଲିଟି ହସ୍ପିଟାଲ, ବହୁ-ସ୍ତରୀୟ ସ୍ୱାସ୍ଥ୍ୟସେବା ଏବଂ ସୁଲଭ ଓ ଗୁଣାତ୍ମକ ଔଷଧ, ଟିକା ଏବଂ ଚିକିତ୍ସା ଉପକରଣର ସ୍ୱଦେଶୀ ଉତ୍ପାଦନ ଉପରେ ଓଡିଶା ସରକାରଙ୍କ ଧ୍ୟାନ କେନ୍ଦ୍ରୀଭୂତ ବୋଲି ସେ କହିଛନ୍ତି। ଆଲୋଚନାଚକ୍ରରେ ଡା. ମାନସ ରଞ୍ଜନ ସାହୁ, କୁଳପତି , ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ପ୍ରଫେସର ସରୋଜ କାନ୍ତ ମିଶ୍ର , ଡା. ଅମୂଲ୍ୟ ପଣ୍ଡା, ପ୍ରଫେସର ଅରୁଣ କୁମାର ଦାସ ବକ୍ତା ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ, ଫାର୍ମା ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡିଶାକୁ ଏକ ଉତ୍କର୍ଷ ରାଜ୍ୟ ରୂପେ ପରିଗଣିତ କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ଓଡିଶାରେ ସମ୍ପ୍ରତି ୧୨ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଥିଲାବେଳେ ପାଇପଲାଇନରେ ଆଉ ୨ ଟି ମେଡିକାଲ କଲେଜ ରହିଛି, ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡିଶା ଦ୍ରୁତଗତିରେ ଅଗ୍ରଗତି କରୁଛି ଯ ଏଥିସହ ୮ଟି ନର୍ସିଂ କଲେଜ କାର୍ଯ୍ୟକ୍ଷମ ଥିଲାବେଳେ ପାଇପଲାଇନରେ ଆଉ ୭ଟି ନର୍ସିଂ କଲେଜ ରହିଛି।

# ପ୍ରାଣନାଥ କଲେଜର ସାମ୍ବତ୍ସରିକ ଉତ୍ସବ

**ଭୁବନେଶ୍ୱର,୩୦।୧ (ମହାଭାରତ):** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଲେଜର ୬୬ତମ ସାମ୍ବତ୍ସରିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା



ଡ.ବିନୋଦିନୀ ମିଶ୍ର ସଭାପତିତ୍ୱରେ ଅତିଥିଭାବେ ବାଚସ୍ପତି ସୁରମା ପାଢୀ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପ୍ରାକ୍ତନ ରାଜ୍ୟ ମୁଖ୍ୟ ପ୍ରଶାସକ ଗୋକୁଳ ଚନ୍ଦ୍ର ପତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ କେନ୍ଦ୍ର ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର, ବିଶିଷ୍ଟ କବି ତଥା ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥି ଛାତ୍ରଛାତ୍ରୀଙ୍କୁ ଏପରିକି ଅଧ୍ୟାପକମାନଙ୍କୁ ଭବିଷ୍ୟତ ଗଠନ ସମ୍ପର୍କରେ କିଛି ଟିପସ ଦେଇଥିଲେ। ଏଥିସହିତ ଭଲ ପାଠ ପଢ, ମହାବିଦ୍ୟାଳୟ ଗୌରବ ଅକ୍ଷୁର୍ଣ୍ଣ ରଖ। ସ୍ୱପ୍ନ ଦେଖ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ଅତିଥି ମାନେ କହିଥିଲେ। ଅତିଥି ମାନଙ୍କ କରକମଳରେ ମହାବିଦ୍ୟାଳୟର ମୁଖପତ୍ର ପ୍ରତୀକ ଏବଂ କଲେଜ ବୁଲେଟିନ ଦି ଫ୍ରଂଟ ଫୁଟ କୁ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ କେନ୍ଦ୍ର ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଚଳିତ ବର୍ଷର ସମ୍ମାନଜନକ ସମ୍ମାନ ପ୍ରାଣନାଥ ସମ୍ମାନରେ ସମ୍ମାନୀତ କରାଯାଇଛି।

# ଯୋଜନା ଓ ନୀତି ନିର୍ଦ୍ଧାରଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୩୦।୧ (ମହାଭାରତ):** ସମୃଦ୍ଧ ଓଡ଼ିଶା ଗଠନର ରୂପରେଖ ସମ୍ପର୍କରେ ଗଣମାଧ୍ୟମ ସମ୍ପାଦକଙ୍କ ସହିତ ଏକ ଆଲୋଚନାଚକ୍ର ଆଜି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ସମ୍ମିଳନୀରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତ ରଖିଥିଲେ।

ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀସିଂ କହିଲେ ଯେ, ଆମେ ଆଜି ଏକ ନୂଆ ଯୁଗରେ ବାସ କରୁଛେ। ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଓ ପ୍ରୟୋଗ ଯୋଗୁଁ ଲୋକମାନଙ୍କର ଆଶା ଓ ଆକାଂକ୍ଷାରେ ପରିବର୍ତ୍ତନ ଘଟୁଛି। ତଦନୁସାରେ ବୈଦ୍ୟୁତିକ, ମୁଦ୍ରଣ, ସାମାଜିକ ତଥା ଡିଜିଟାଲ ଗଣମାଧ୍ୟମର ଗୁରୁତ୍ୱ ବୃଦ୍ଧି ପାଇଛି। ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ କରିବା, ଯୋଜନା ଓ ନୀତି ନିର୍ଦ୍ଧାରଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶାର ଲକ୍ଷ୍ୟ ସାଧନ ଦିଗରେ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ସେଥିପାଇଁ ଗଣମାଧ୍ୟମର ସହଯୋଗ ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ। ଓଡିଶାର ଦୃତ ବିକାଶ ପାଇଁ ରାଜ୍ୟର ନିବେଶକମାନଙ୍କ ସହିତ ଦେଶ ବିଦେଶରୁ ପୁଞ୍ଜି ନିବେଶକମାନଙ୍କୁ ଆକୃଷ୍ଟ କରି ବିକାଶ ଲକ୍ଷ୍ୟ ହାସଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଯୋଗଦେଇ କହିଲେ ଯେ, ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଥିବା ରାଜ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ରାଜ୍ୟର ଐତିହ୍ୟ, ସାଂପ୍ରତିକ ବାଣିଜ୍ୟିକ ସ୍ଥିତି ପ୍ରତି ଦୃଷ୍ଟିପାତ କରି ସେ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍ତରରେ ଶିଳ୍ପାୟନ ଓ ନିବେଶ ସୁବିଧା ପାଇଁ ସକରାତ୍ମକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ବୃହତ ଶିଳ୍ପ ସହିତ କ୍ଷୁଦ୍ର ଶିଳ୍ପକୁ ଗୁରୁତ୍ୱ ଦେବାକୁ ସେ ମଧ୍ୟ ମତ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ପ୍ରାକ୍ତନ ସଦସ୍ୟ ପ୍ରସନ୍ନ ମହାନ୍ତି ଯୋଗଦେଇ କହିଲେ ଯେ, ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନ ଏବଂ ବହୁ ବିଶିଷ୍ଟ ଶିଳ୍ପପତିଙ୍କ ନିବେଶ ପ୍ରତି ବିପୁଳ ସମର୍ଥନ ମିଳିଥିବା ଓଡ଼ିଶା ପାଇଁ ଆନନ୍ଦର କଥା। ଏହାର ରାଜ୍ୟର ସାମୁହିକ ଦୃଷ୍ଟି କୋଣରୁ ରାଜ୍ୟ ପାଇଁ ବଡ଼ ଆଶ୍ୱାସନା ଓ ବିକାଶ ପାଇଁ ବଡ଼ ପାଥେୟ ହେବ। ବିଭିନ୍ନ କ୍ଷେତ୍ରରେ ରାଜ୍ୟକୁ ଅନୁଦାନ ରାଶି ବଢିବା ସାଙ୍ଗକୁ ସହଯୋଗ ମଧ୍ୟ ବଢିଛି। ଜନସାଧାରଣ, ଗଣମାଧ୍ୟମ ଏବଂ ସବୁସ୍ତରରେ ଲୋକଙ୍କ ସହଭାଗିତାରେ ବିକାଶକୁ ତ୍ୱରାନ୍ୱିତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

'ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି ଯୋଗଦେଇ କହିଲେ ଯେ, ବର୍ତ୍ତମାନ ରାଜ୍ୟରେ ପୁଞ୍ଜିନିବେଶ କରିବାରେ ଅନୁକୂଳ ପରିବେଶ ରହିଛି। ଅଭିନବ ଜ୍ଞାନକକୌଶଳ, ଉତ୍ପାଦରେ ଗୁଣାତ୍ମକତା, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଗୁରୁତ୍ୱ, ଶିଳ୍ପ ପାର୍କ ପ୍ରତିଷ୍ଠା, ଇଲେକ୍ଟ୍ରୋନିକ ଏବଂ ଆଇଟି କ୍ଷେତ୍ର ଆଦିର ବିକାଶ ସଂପର୍କରେ ଆଲୋକପାତ କରିଥିଲେ। ଅର୍ଗସ୍ ଟିଭିର ସମ୍ପାଦକ ସଞ୍ଜୟ ଜେନା ଯୋଗଦେଇ ସୁସ୍ଥ ପରିବାର ଓ ସୁସ୍ଥ ଓଡ଼ିଶା ଗଠନ ପାଇଁ ପଦକ୍ଷେପ ନିଆଯିବା ସହ ୨୦୩୬ର ଧାର୍ଯ୍ୟ ଲକ୍ଷ୍ୟ ସାଧନ ନିମନ୍ତେ ଆମକୁ ଦୀର୍ଘସ୍ଥାୟୀ ଲକ୍ଷ୍ୟ ଓ ଯୋଜନାକୁ ନିୟମିତ ସମୀକ୍ଷା ପୂର୍ବକ କାର୍ଯ୍ୟାନ୍ୱୟନ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ ବୋଲି କହିଥିଲେ। ଏସିଆନ୍ ଏଜ୍ ଏବଂ ଡେକାନ୍ କ୍ରୋନିକଲର ଓଡ଼ିଶାର ଆବାସିକ ସମ୍ପାଦକ-ତଥା ସ୍ୱତନ୍ତ୍ର ସମ୍ବାଦଦାତା ଅକ୍ଷୟ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରି କହିଲେ ଯେ ଓଡିଶାର ଶିଳ୍ପାନୁକୂଳ ଶିଳ୍ପ ନୀତି ରହିଛି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସମୟ କ୍ରମେ ପରିବର୍ତ୍ତନ କରାଯାଉଛି। ଆମର ପୁନର୍ବାସ ଓ ଥଇଥାନ ନୀତି ମଧ୍ୟ ଦେଶରେ ଉତ୍ତମ ରହିଛି। ଏବେ ରାଜ୍ୟ ସରକାର ଶିଳ୍ପ ସହିତ କୃଷି ପ୍ରକ୍ରିୟାକରଣକୁ ଯେପରି ଗୁରୁତ୍ୱ ଦେଉଛନ୍ତି, ତାହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସମାଜର ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ପାଇଁ ଗ୍ରାମ୍ୟ ଅର୍ଥନୀତିର ବିକାଶ, ଯୋଜନା ପ୍ରସ୍ତୁତି ସହିତ ଏହାର କାର୍ଯ୍ୟକାରିତା ପାଇଁ ସମ୍ମିଳିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

'ସମ୍ବାଦ'ର ବାର୍ତ୍ତା ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ କହିଥିଲେ ଶିଳ୍ପ କ୍ଷେତ୍ର ସହିତ ସେବା କ୍ଷେତ୍ରର ସମନ୍ୱିତ ବିକାଶ ଦ୍ୱାର ଏକ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାଧିତ ହୋଇପାରିବ। ଓଟିଭିର ବାର୍ତ୍ତା ସମ୍ପାଦକ ରାଧାମାଧବ ମିଶ୍ର କହିଥିଲେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ଏହା ଦ୍ୱାରା ରାଜ୍ୟର ବିକାଶ ଧାରା ଅଧିକ କ୍ରିୟାଶୀଳ ହୋଇପାରିବ। ଭିତ୍ତିଭୂମିର ଉନ୍ନତି, ଆଧୁନିକ କୃଷି ପ୍ରଣାଳୀ ଆଧାରିତ ଚାଷ, ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରକୁ ଅଧିକ ସରକାରୀ ପ୍ରୋତ୍ସାହନ ଦ୍ୱାରା ତୃଣମୂଳସ୍ତରରୁ ରାଜ୍ୟର ଆର୍ଥିକ ବିକାଶ ଓ ପ୍ରଗତି ସମ୍ଭବ ହୋଇପାରିବ।

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା

# ସ୍ୱାମୀଜୀଙ୍କ ଆଦର୍ଶରେ ଯୁବଶକ୍ତି ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିପାରିବେ

**କଟକ,୩୦।୧ (ମହାଭାରତ):** ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା, ଶିକ୍ଷା ବିଭାଗ, କଟକ ବିବେକାନନ୍ଦ ଯୁବ ମହାମଣ୍ଡଳ ଓ ରୋଟାରୀ କ୍ଲବ କଟକ ସେଣ୍ଟ୍ରାଲର ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ରେଭେନ୍ସା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳର ସଭାପତି ଡ଼ଃ ଦେବାଶିଷ ଆଚାର୍ଯ୍ୟଙ୍କ ସଭାପତିତ୍ୱ ଓ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାନପୁର ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମଶ୍ରଦ୍ଧାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଫଳ ବ୍ୟକ୍ତି ହେବାର ମନ୍ତ୍ର ଓ ସ୍ୱାମୀଜୀଙ୍କ ଆଦର୍ଶ ତଥା ସଂଯମତା ଆଚରଣ ମାଧ୍ୟମରେ ଯୁବଶକ୍ତି ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସ୍ମାରକୀ



ସଭାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କାହ୍ନୁ ଚରଣ ମଲ୍ଲିକ, ଜାତୀୟ ସେବା ସଂସ୍ଥା ବ୍ୟୁରୋର ସଂଯୋଜକ ଡ଼ଃ ବିକଳି ଚରଣ ଦାସ, ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ଶରତ କୁମାର ରାଉତ, ବିବେକାନନ୍ଦ ଯୁବ ମହାମଣ୍ଡଳ ଓଡିଶା ଶାଖାର ସମ୍ପାଦକ ବିଶ୍ୱ ରଞ୍ଜନ ଶତପଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବାପାଇଁ ଦିଗଦର୍ଶନ ଦେଇଥିଲେ। ସାନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ସ୍ୱାଗତ ଭାଷଣ, ରୋଟାରୀ ସେଣ୍ଟ୍ରାଲର ସଭାପତି ନଳିନୀ ମହାପାତ୍ର ଏହି ବିଷୟବସ୍ତୁର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିବାବେଳେ, ସୁଧାଂଶୁ ଶେଖର ପଣ୍ଡା ଓ ଶିବାଶିଷ ସୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଭୁବନେଶ୍ୱର ରାମକୃଷ୍ଣ ମିଶନର ସ୍ୱାମୀ ଶିବାଧାନାନନ୍ଦ ଓ କଟକର ସ୍ୱାମୀ ଜୀବନାଥାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ମହାମଣ୍ଡଳର ସତ୍ୟ ଗୋପାଳ ପରିଜା, ପ୍ରଶାନ୍ତ କୁମାର ମହାପାତ୍ର, ଦୀପକ କୁମାର ମହାନ୍ତି, ଶିବ କୁମାର ନାୟକ, ମହେନ୍ଦ୍ର କୁମାର ସ୍ୱାଇଁ, ଓମ୍ ପ୍ରକାଶ, ଦେବେନ୍ଦ୍ରନାଥ ପାଢ଼ୀ, ଧନଞ୍ଜୟ ମୁଣ୍ଡ, ଜ୍ୟୋତି ରଞ୍ଜନ ସିଂ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଏ.ବି ମହାପାତ୍ର, ଅଲେଖ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ଏନ୍ଏସଏସ ବ୍ୟୁରୋ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ବୟନ, ପୋଷାକ, ରେଶମ ଶିଳ୍ପ ଓ ହସ୍ତତନ୍ତରେ ଆସିବ ସମୃଦ୍ଧି

**ଭୁବନେଶ୍ୱର,୩୦।୧ (ମହାଭାରତ):** ବୟନଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ବିକାଶ ଓ ସମୃଦ୍ଧି ପାଇଁ ଅପାର ସମ୍ଭାବନା ଆଣିଛି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ -୨୦୨୫। ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ମହାକୁମ୍ଭ 'ଉତ୍କର୍ଷ ଓଡ଼ିଶା' ନୂଆ ଉର୍ଜା ଯୋଗାଇବ। ଆଜି ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ୩୬ଟି ୟୁନିଟରେ "୭୭୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ସୁରକ୍ଷିତ ହୋଇଛି। ଏହା ଯୋଗୁଁ ରାଜ୍ୟରେ ୨୨୦୦୦ ପ୍ରତ୍ୟକ୍ଷ ଏବଂ ୬୬୦୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେ। ଦ ଇମରଜିଙ୍ଗ ଡେଷ୍ଟିନେସନ ଫର ଟେକ୍ସଟାଇଲସ୍, ଆପାରେଲସ୍ ଆଣ୍ଡ ହାଣ୍ଡଲୁମସ୍ (ବୟନ, ପୋଷାକ, ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ମାନ୍ୟବର ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ ଭିତ୍ତିଭୂମି, ଆବଶ୍ୟକୀୟ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଂଜିନ୍ ସରକାର ଆମର ଶକ୍ତି। ତେଣୁ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟରେ ବିପୁଳ ସୁଯୋଗ ରହିଛି। ବୟନ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଦୃଷ୍ଟିକୋଣର ଏକ ନିରନ୍ତର ଅନୁସରଣ ବୋଲି କହିଥିଲେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି କହିଥିଲେ।

# ମଶା ପ୍ରବଣ ସ୍ଥାନ ଚିହ୍ନଟ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଂଚଳରୁ ମଶା ବଂଶ ଲୋପ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ସାତ ଦିନ ମଧ୍ୟରେ ମଶା ପ୍ରବଣ ସ୍ଥାନଗୁଡିକୁ ଚିହ୍ନଟ କରିବା ସହ ଦୁଇ ଦିନ ମଧ୍ୟରେ ମଶା ଦମନ ପଦକ୍ଷେପମାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ବିଏମ୍ ସିର ସମୟୋଚିତ ପଦକ୍ଷେପ ଯୋଗୁଁ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଡେଙ୍ଗୁ ରୋଗୀ ଅନେକ ସଂଖ୍ୟାରେ ହ୍ରାସ ପାଇଛି ଗତ ବର୍ଷ ୪ ହଜାର ୫ ଶହ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୨ ଶହ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି କହିଥିଲେ କମିଶନର।

ସମ୍ପ୍ରତି ବିଏମ୍ସି ପାଖରେ ୨୦ଟି ଅଟୋ ମାଉ ଟେଡ୍ ଫଗିଙ୍ଗ ମେସିନ, ୩୦ଟି ଛୋଟ ହ୍ୟାଣ୍ଡ ଫଗିଙ୍ଗ ମେସିନ ଏବଂ ୨ଟି ଟ୍ରାକ୍ଟର ମାଉ ଟେଡ୍ ମେସିନ ରହିଛି ଏହି ମେସିନ ଜରିଆରେ ବିଭିନ୍ନ ୱାର୍ଡରେ ନିୟମିତ ମଶାମରା ତୈଳ ସିଚନ, ମଶା ଧୂଆଁ ଦିଆଯାଉଛି ମାତ୍ର ଏହା ଯଥେଷ୍ଟ ହୋଇପାରୁ ନାହିଁ ତେଣୁ ଆଉ ୪ଟି ଟ୍ରାକ୍ଟର ମାଉଣ୍ଟେଡ୍ ମେସିନ ତୁରନ୍ତ କ୍ରୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାନବ ସମ୍ବଳ ମଧ୍ୟ କମ୍ ରହିଛି ସଧା ସମୟରେ ଏକ କାଳୀନ ସମସ୍ତ ଅଂଚଳରେ ଫଗିଙ୍ଗ କରିବା ଦାରକାର ନଚେତ ମଶାମାନେ ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ଚାଲିଯାଇଥାନ୍ତି। ତେଣୁ ଏକକାଳୀନ ଫଗିଙ୍ଗ କରିବା ପାଇଁ ଉଭୟ ମେସିନ ଓ ମାନବ ସମ୍ବଳର ଆବଶ୍ୟକତା ରହିଛି ତୁରନ୍ତ ମାନବ ସମ୍ବଳ ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ଯେତିକି ଆଣ୍ଟାଲାର୍ଭା ୱାର୍କର ଅଛନ୍ତି, ତାହାକୁ ଦୈନିକ ପ୍ରାପ୍ୟ ଭିତ୍ତିରେ ଦ୍ୱିଗୁଣିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦୟା ୱେଷ୍ଟ କେନାଲ ମଶା ବଂଶ ବୃଦ୍ଧି କରିବାର ପ୍ରମୁଖ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ତେଣୁ ପ୍ରତି ସପ୍ତାହରେ ଦୟା ୱେଷ୍ଟ କେନାଲରେ ମଶା ତେଳ ସିଚନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ସିଫା ପକ୍ଷରୁ କୃଷକମେଳା ଓ ପ୍ରଦର୍ଶନୀ

**ଭୁବନେଶ୍ୱର,୩୦।୧ (ମହାଭାରତ):** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା) ଦ୍ୱାରା ମଧୁରଜଳ କୃଷି ଉପରେ ଏକ କୃଷକ ମେଳା ସହ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଓଡିଶାର ଅନୁଗୁଳ, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, ଖୋର୍ଦ୍ଧାଏବଂ ପୁରୀ ଜିଲ୍ଲାରୁ ୪୬୦ରୁ ଊର୍ଦ୍ଧ୍ୱଚାଷୀ ଯୋଗ ଦେଇଥିଲେ। ଏହି ମେଳାକୁ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମିଶନର ଅଧ୍ୟକ୍ଷ ପୂଜ୍ୟ ମହାରାଜ ସ୍ୱାମୀ ଆତ୍ମପ୍ରଭାନନ୍ଦ ଉଦ୍‌ଘାଟନ କରିଥିଲେ। ସେ ଚାଷୀମାନଙ୍କୁ ବିଭିନ୍ନ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର ପାଇଁ ସିଫା ଦ୍ୱାରା କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିବା ସହିତ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମର ନିର୍ଦ୍ଦେଶକ ଡ. ଆର୍ଯ୍ୟମଦତ ଷଡ଼ଙ୍ଗୀ; ଓୟୁଏଟି, ଭୁବନେଶ୍ୱର ସମ୍ପ୍ରସାରଣ ଓ ଶିକ୍ଷା ବିଭାଗର ଡିନ୍ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର; ଏବଂ ସୋଆ ଭୁବନେଶ୍ୱରର କୃଷି ସମ୍ପ୍ରସାରଣ ଓ ଯୋଗାଯୋଗ ବିଭାଗ ପ୍ରଫେସରଡ. ବିଭୁଦ୍ଧ ପରାସର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଇସିଏଆର୍- ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ, ଅତିଥି ଏବଂ ଉପସ୍ଥିତ ଚାଷୀମାନଙ୍କୁ ସ୍ୱାଗତ କରିଥିଲେ। ସେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ଏବଂ ତା'ର ଉପକାରିତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ସେ



ଅନୁସୂଚିତ ଜାତିସଂପ୍ରଦାୟର ଆର୍ଥିକ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ପ୍ରତିଷ୍ଠାନର କାର୍ଯ୍ୟକଳାପ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ। ଏହି କୃଷକ ମେଳାର ଏକ ଅଂଶଭାବରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

## ମେଣ୍ଟ ରାଜନୀତି କ୍ଷଣସ୍ଥାୟୀ

ସମସ୍ତଙ୍କ ଲକ୍ଷ୍ୟ ମଧ୍ୟ କ୍ଷମତା ଦଖଲ ବା ନିର୍ବାଚନୀ ସଫଳତା। ତେଣୁ ଏକାଧିକ ଦଳ ଅଧିକ ଦିନ ପରସ୍ପର ସହ ହାତ ମିଳାଇ ଚାଲିବା ଅସମ୍ଭବ ଏବଂ ଏହା ମଧ୍ୟ ନିଜର ନୀତି ଆଦର୍ଶ ସହ ସାଲିସ। କେବଳ ସାମୟିକ ଲାଭ ବା ଏକ ବୃହତ୍ତର ସ୍ୱାର୍ଥ ହାସଲ ପାଇଁ କିଛି ରାଜନୈତିକ ଦଳ ଏକାଠି ହୋଇଥାଆନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇନଥାଏ। ଭାରତୀୟ ରାଜନୀତିରେ ଏହା ବାରମ୍ବାର ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ବରିଷ୍ଠ ନେତା ଶରଦ ପାୱାର ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ, ଜାତୀୟ ରାଜନୈତିକ ଲକ୍ଷ୍ୟ ବା ଲୋକସଭା ନିର୍ବାଚନ ନିମନ୍ତେ ଇଣ୍ଡିଆ ବ୍ଲକ ଗଠନ କରାଯାଇଥିଲା। ବିଧାନସଭା ନିର୍ବାଚନରେ ଏହି ମେଣ୍ଟ ରହିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଇଣ୍ଡିଆ ବ୍ଲକ ଆଉ ବେଶୀ ଦିନ ତିଷ୍ଠିବ ନାହିଁ। ସତୁରୀ ଦଶକରେ ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ଏବଂ ଅଗଣତାନ୍ତ୍ରିକ କାର୍ଯ୍ୟ ଅସହ୍ୟ ହେଲା ସେତେବେଳେ ତାଙ୍କୁ କ୍ଷମତାଚ୍ୟୁତ କରିବା ଜରୁରୀ ହୋଇପଡ଼ିଥିଲା। ୧୯୭୫ରେ ଜରୁରୀ ପରିସ୍ଥିତି ଜାରି କରି ଇନ୍ଦିରା ଗଣତନ୍ତ୍ରକୁ ହତ୍ୟା କରିଥିଲେ, ଦେଶସେବା ନୁହେଁ କ୍ଷମତା ପାଇଁ ସେ ରାଜନୀତି କରୁଥିବା ପ୍ରମାଣିତ ହୋଇଥିଲା। ପାରିବାରିକ ଶାସନର ସେ ଥିଲେ ଜନ୍ମଦାତା। ତାଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ଲୋକନାୟକ ଜୟପ୍ରକାଶ ନାରାୟଣ ଦେଶରେ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଆହ୍ୱାନ କ୍ରମେ ଦେଶର ପ୍ରମୁଖ ବିରୋଧୀ ଦଳମାନେ ଏକାଠି ହୋଇ ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲେ। ଏହା ଥିଲା ଭାରତୀୟ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ସ୍ୱାଧୀନତାର ୩୦ ବର୍ଷ ପରେ ଦେଶବାସୀ କଂଗ୍ରେସକୁ କ୍ଷମତଚ୍ୟୁତ କରିଥିଲେ। ଏକ ବୃହତ୍ତର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ, ଦେଶର ସ୍ୱାର୍ଥ ପାଇଁ ନୀତି ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ପରସ୍ପର ବିରୋଧୀ ରାଜନୈତିକ ଦଳମାନେ ଏକାଠି ହୋଇପାରିବେ ଏବଂ ଦେଶରେ ସୁଶାସନ ପ୍ରତିଷ୍ଠା କରିପାରିବେ , ଏହା ଜେପି ପ୍ରମାଣିତ କରିଥିଲେ। ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇନଥିଲା ଏବଂ ୩ ବର୍ଷ ପରେ କଂଗ୍ରେସ ପୁଣି କ୍ଷମତାକୁ ଫେରିଥିଲା। ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସଂକୀର୍ଣ୍ଣତା ଯୋଗୁ ଜେପିଙ୍କ ଜନତା ପରୀକ୍ଷଣ ବିଫଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ଏହାର ପରୀକ୍ଷଣ ହୋଇଥିଲା ଏବଂ ଶେଷରେ ଏହା ସଫଳ ମଧ୍ୟ ହେଲା। କେନ୍ଦ୍ର ଏବଂ ଦେଶର ଅଦ୍ଧାଧିକ ରାଜ୍ୟରେ ଏବେ ମେଣ୍ଟ ସରକାର ଚାଲିଛି। ଯେଉଁ କଂଗ୍ରେସ ଅନ୍ୟ କୌଣସି ଦଳ ସହ ବୁଝାମଣା ନକରିବାକୁ ଦୀର୍ଘ ବର୍ଷ ହେବ ନିଷ୍ପତ୍ତି ନେଇଥିଲା, ସେହି କଂଗ୍ରେସ ଶେଷରେ ମେଣ୍ଟ ରାଜନୀତିର ଆଶ୍ରୟ ନେବାକୁ ବାଧ୍ୟ ହେଲା। ଏବେ ଜାତୀୟ ରାଜନୀତିରେ ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ (ପୂର୍ବରୁ ୟୁପିଏ)ମଧ୍ୟରେ ମୁକାବିଲା ହେଉଛି। ଏହା ବ୍ୟତିତ ବାମପନ୍ଥୀ ମେଣ୍ଟ ଏବଂ ରାଜ୍ୟ ସ୍ତରରେ କିଛି ଆଞ୍ଚଳିକ ଦଳ ମଧ୍ୟରେ ବି ମେଣ୍ଟ ହୋଇଛି। ନବେ ଦଶକରେ ଜନତା ଦଳ ନେତୃତ୍ୱରେ ନ୍ୟାସନାଲ ଫ୍ରଣ୍ଟ ଏବଂ ପରେ ୟୁନାଇଟେଡ ଫ୍ରଣ୍ଟ ଗଠିତ ହୋଇଥିଲା ଏବଂ ତାହା କିଛି ବର୍ଷ କ୍ଷମତାସୀନ ମଧ୍ୟ ହୋଇଥିଲା। ଅସ୍ପଷ୍ଟ ଜନାଦେଶ ଯୋଗୁ ଦେଶରେ ମେଣ୍ଟ ରାଜନୀତି ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜ୍ୟରେ ବହୁ ସଂଖ୍ୟାରେ ଆଞ୍ଚଳିକ ଦଳ ଜନ୍ମ ନେବା ଏବଂ ରାଜନୈତିକ ସ୍ତରରେ ପ୍ରଭାବୀ ସାବ୍ୟସ୍ତ ହେବା ଫଳରେ ଜାତୀୟ ଦଳ ଗୁଡ଼ିକ ଦୁର୍ବଳ ହେଲେ। ତେଣୁ ସେମାନେ ଏହିସବୁ ଆଞ୍ଚଳିକ ଦଳମାନଙ୍କ ସହ ଆସନ ବୁଝାମଣା ବା ମେଣ୍ଟ କରିବାକୁ ବାଧ୍ୟ ହେଲେ। କିନ୍ତୁ ଅନେକ ସମୟରେ ଏହି ମେଣ୍ଟ ସ୍ଥାୟୀ ହୋଇପାରୁନି।

“ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ 'କଲ୍ୟାଣ' ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।

## ଗୀତା ପ୍ରେସ

**॥ ସର୍ବେଶ୍ୱର ବେହେରା ॥**

ଭାରତ ସରକାର ଗୀତା ପ୍ରେସକୁ ୨୦୨୧ ମସିହାର ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଗତ ଏକ ଶତାବ୍ଦୀ ଧରି ଗୀତା ପ୍ରେସ ନିଃସ୍ୱାର୍ଥ ଓ ନିଷ୍ପାପର ଭାବେ ସନାତନ ଧର୍ମର ପ୍ରଚାର ଓ ପ୍ରସାର କରୁଛି । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ପ୍ରାୟ ୭୨କୋଟି ପୁସ୍ତକ ପ୍ରକାଶ କରି ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଏହା ସହିତ ଗୀତା ପ୍ରେସ ମାସିକ ପତ୍ରିକା 'କଲ୍ୟାଣ' ନିୟମିତ ପ୍ରକାଶ କରୁଛି । ଏହାର ସର୍ବାଦୌ ଆଦୃତ ହେଉଛି । ପ୍ରତ୍ୟେକ ବର୍ଷ 'କଲ୍ୟାଣ' ଏକ ବିଶେଷାଙ୍କ ପ୍ରକାଶ କରୁଛି, ଯାହାକୁ ପାଠକମାନେ ପ୍ରତୀକ୍ଷା କରିଥାଆନ୍ତି । ଚଳିତବର୍ଷ ବିଶେଷାଙ୍କର ନାମ ଥିଲା 'ଦୈବୀ ସମ୍ପଦା' ।

ଗୀତା ପ୍ରେସ୍‌ର ସ୍ଥାପନା ୧୯୨୩ ମସିହା ଏପ୍ରିଲ ମାସରେ ହୋଇଥିଲା । ଏହାର ସଂସ୍ଥାପକ ଶ୍ରୀ ଜୟଦୟାଲ ଗୋଏଙ୍କା (୧୮୮୫-୧୯୬୪) ଥିଲେ । ଉତ୍ତର ପ୍ରଦେଶର ଗୋରଖପୁରଠାରେ ଏହା ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ପାଠକମାନଙ୍କ ସେବା କରିଆସୁଛି । ଶ୍ରୀ ଗୋଏଙ୍କା ଭଗବତ୍ ଗୀତା ପ୍ରତି ସମର୍ପିତ ଥିଲେ । ସେ ଗୀତା ପ୍ରେସର ପ୍ରତିଷ୍ଠା ମୁଖ୍ୟତଃ ଗୀତାର ବହୁଳ ପ୍ରଚାର ପ୍ରସାର ପାଇଁ କରିଥିଲେ । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ସର୍ବାଧିକ ଶ୍ରୀମଦ୍ ଭଗବତ୍ ଗୀତା ମୁଦ୍ରଣ କରିଛି । ଏ ପର୍ଯ୍ୟନ୍ତ ୧୬କୋଟି ଶ୍ରୀମଦ୍ ଭଗବତ୍ ଗୀତା ବିକ୍ରୟ ହୋଇଛି । ଗୀତା ପୁସ୍ତକ ପରେ ଶ୍ରୀ ହନୁମାନ ଚାଳିଶା ପୁସ୍ତକ ପ୍ରାୟ ୧୦ କୋଟି ମୁଦ୍ରଣ ହୋଇଛି । ତୃତୀୟ ସ୍ଥାନରେ ଶ୍ରୀରାମଚରିତ ମାନସ, ଯାହା ପ୍ରାୟ ତିନି କୋଟିରୁ ଊର୍ଦ୍ଧ୍ୱ ମୁଦ୍ରଣ ହୋଇଛି । ଏ ସମସ୍ତ ପୁସ୍ତକ କେବଳ ସଂସ୍କୃତ ଓ ହିନ୍ଦୀରେ ନୁହେଁ, ଅପିତୁ କେତେକ ପ୍ରାନ୍ତୀୟ ଭାଷାରେ ମଧ୍ୟ ମୁଦ୍ରଣ ହୋଇଛି ।

ଶ୍ରୀ ଗୋଏଙ୍କାଙ୍କ ସହିତ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ପରେ ଏହି ସନାତନ ମୂଲ୍ୟବୋଧ କାର୍ଯ୍ୟରେ ସଂଲଗ୍ନ ହେଲେ । ସ୍ୱାମୀ ରାମସୁଖ ଦାସ, ଶ୍ରୀ ଚମ୍ପନଲାଲ ଗୋସ୍ୱାମୀ, ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ଆଦି ମହାନ ସଂସ୍କାରକମାନେ ଏହାର କଳେବର ବର୍ଦ୍ଧିତ କରିଛନ୍ତି । ଶ୍ରୀ ପୋଦ୍ଦାର 'କଲ୍ୟାଣ' ମାସିକ ପତ୍ରିକା ପ୍ରକାଶନ ସହିତ ସନାତନ ଧର୍ମର ବହୁ ଗ୍ରନ୍ଥ ଯଥା- ଶ୍ରୀମଦ୍ ଭଗବତ୍ ଗୀତା, ରାମାୟଣ, ପୁରାଣ, ଭାଗବତ, ଗୋସ୍ୱାମୀ ତୁଳସୀଦାସ ଆଦି ମହାପୁରୁଷଙ୍କ ରଚିତ ଗ୍ରନ୍ଥ ଏବଂ ଶ୍ରୀଚୈତନ୍ୟ ଚରିତାମୃତ ଆଦିକୁ ଜନସାଧାରଣଙ୍କ ନିକଟରେ ସରଳ ଓ ସୁଲଭ ଭାବେ ଉପସ୍ଥାପନ କରିଛନ୍ତି । ସମସ୍ତ ଉପନିଷଦଗୁଡ଼ିକ ସହିତ ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟକୁ ଗୀତା ପ୍ରେସ ମଧ୍ୟ ମୁଦ୍ରଣ କରିଛି । ଗୀତା ପ୍ରେସ ସଂକ୍ଷିପ୍ତ ମହାଭାରତ ଓ ସମ୍ପୂର୍ଣ୍ଣ ମହାଭାରତ ସର୍ବପ୍ରଥମେ ପ୍ରକାଶ କରିଛି । ଉତ୍ତରପ୍ରଦେଶ ସହିତ ହିନ୍ଦୀ ଭାଷାଭାଷୀ କ୍ଷେତ୍ରରେ ସଂସ୍କାରିତ ପରିବାରରେ 'କଲ୍ୟାଣ' ପତ୍ରିକା ଦେଖିବାକୁ ମିଳୁଛି। ଗୀତା ପ୍ରେସର ଚାହିଦା ବିପୁଳ ମାତ୍ରାରେ ଦେଖିବାକୁ ବୃଦ୍ଧି ପାଉଛି । ଦେଶର ପ୍ରମୁଖ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡମାନଙ୍କରେ ଗୀତା ପ୍ରେସର ପୁସ୍ତକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି । ଏହାର ଏକମାତ୍ର କାରଣ ଯେ ଗୀତା ପ୍ରେସ ସନାତନ ସେବା ନିମିତ୍ତ ସମର୍ପିତ ଏକ ସଂସ୍ଥା, କୌଣସି ବ୍ୟବସାୟିକ ସଂସ୍ଥା ନୁହେଁ । ଏହାର ଉଦ୍ଦେଶ୍ୟ ରୋଜଗାର କରି ଲାଭାନ୍ୱିତ ହେବା ନୁହେଁ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ 'କଲ୍ୟାଣ' ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ରାମମନ୍ଦିର ସମ୍ବନ୍ଧୀୟ ନିର୍ଣ୍ଣୟ ଆସିବା ପରେ ୨୦୨୧ ମସିହାରେ ଗୀତା ପ୍ରେସ 'ଅଯୋଧ୍ୟା ଦର୍ଶନ' ନାମରେ ଏକ ସୁନ୍ଦର ପୁସ୍ତକ ପ୍ରକାଶ କରିଛି । ୧୨୮ ପୃଷ୍ଠା ବିଶିଷ୍ଟ ରଙ୍ଗୀନ ପୁସ୍ତକରେ ଅଯୋଧ୍ୟାର ରାୟ ସହିତ ଅଯୋଧ୍ୟାରେ ଥିବା ମୁଖ୍ୟ ମନ୍ଦିରଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି। ଏଥିରେ ଅଯୋଧ୍ୟାର ଶାସ୍ତ୍ରୀୟ ମହତ୍ତ୍ୱକୁ ଅତି ସରଳ ଭାଷାରେ ଉଲ୍ଲେଖ କରାଯାଇଛି । ବିଶ୍ୱର ଜନସାଧାରଣଙ୍କ ପାଇଁ ଇଂରାଜୀ ଭାଷାରେ ଶ୍ରୀମଦ ଭଗବତ୍ ଗୀତା, ହନୁମାନ ଚାଳିଶା, ଶ୍ରୀରାମଚରିତ ମାନସ ଆଦି ପ୍ରକାଶ ପାଇଛି । ଇଂରାଜୀ ଭାଷାରେ ଏହି ପୁସ୍ତକ ଗୁଡିକ ବିଶ୍ୱରେ ବହୁଳ ଆଦୃତ ହେଉଛି।

ଗତ କିଛିଦିନ ତଳେ ଦେଶରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ପ୍ରଚାର କଲେ ଯେ ଗୀତା ପ୍ରେସ ବନ୍ଦ ହୋଇଯିବ । ଏହା ବିପୁଳ କ୍ଷତିରେ ଚାଲୁଛି । କେତେକ ସମ୍ବାଦପତ୍ରରେ ମଧ୍ୟ ଏହା ପ୍ରକାଶ ପାଇଲା । ବାସ୍ତବରେ ଏହା ସତ୍ୟ ନୁହେଁ । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି ଗୀତା ପ୍ରେସ ନାଁରେ ଚାନ୍ଦା ସଂଗ୍ରହ ପାଇଁ ଏପରି ବିଭ୍ରାନ୍ତକାରୀ ସମ୍ବାଦ ପରିବେଷଣ କରିଥିଲେ । ଗୀତା ପ୍ରେସ କେବଳ ଭାରତରେ ନୁହେଁ, ଅପିତୁ ବିଶ୍ୱର ଏକ ଅଗ୍ରଣୀ ସଂସ୍ଥା । ୨୦୨୦ ମସିହାରେ ଗୀତା ପ୍ରେସ ୧୧ କୋଟି ଅର୍ଥ ବ୍ୟୟ କରି ଜର୍ମାନୀରୁ ପୁସ୍ତକ ବନ୍ଧେଇ (ବାଇଣ୍ଡିଂ) ମେସିନ କ୍ରୟ କରିଛି । ୨୦୨୧ ମସିହାରେ ଜାପାନରୁ ଛଅ କୋଟି ଅର୍ଥ ବ୍ୟୟରେ 'ଫୋର କଲର ଅପସେଟ୍ ପ୍ରିଣ୍ଟିଂ' ମେସିନ କ୍ରୟ କରିଛି । ପୁସ୍ତକଗୁଡିକର ଉତ୍କୃଷ୍ଟ ପ୍ରକାଶନ ଓ ବନ୍ଧେଇ ପାଇଁ ଗୀତା ପ୍ରେସ ସର୍ବଦା ଧ୍ୟାନକେନ୍ଦ୍ରିତ କରୁଛି । ପ୍ରତିବର୍ଷ ପ୍ରାୟ ୬୦ କୋଟି ଟଙ୍କାର ପୁସ୍ତକ ବିକ୍ରି ହେଉଛି । ତା'ଛଡା ୫ କୋଟି ଟଙ୍କାର 'କଲ୍ୟାଣ' ମାସିକ ପତ୍ରିକା ବିକ୍ରି ହେଉଛି । ପ୍ରତ୍ୟେକ ବର୍ଷ ପ୍ରାୟ ୫ହଜାର ମେଟ୍ରିକ୍ ଟନ କାଗଜ ପ୍ରକାଶନ ପାଇଁ ଆବଶ୍ୟକ ହେଉଛି । ଏଥିରେ ୧୮୫ଜଣ ନିୟମିତ ଓ ୨୦୦ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି ।

ଗୀତା ପ୍ରେସ ଦ୍ୱାରା ଅନେକ ସେବା କାର୍ଯ୍ୟ ଚାଲିଛି । ଗୀତାଭବନ ସେବାଗ୍ରାମଠାରେ ପ୍ରାୟ ୧୦୦୦ରୁ ଅଧିକ ନିବାସ କକ୍ଷ ଅଛି । ଏଠାରେ ପ୍ରତ୍ୟେକ ଦିନ ସତ୍‌ସଙ୍ଗ, ସାଧୁ ସନ୍ଥମାନଙ୍କ ପାଇଁ ନିବାସ, ନିଃଶୁଳ୍କ ଆୟୁର୍ବେଦ ଚିକିତ୍ସା ସେବା ତଥା କମ୍ ମୂଲ୍ୟରେ ଭୋଜନ ମିଳୁଛି । ସାଧୁସନ୍ଥମାନଙ୍କ ପାଇଁ ନିଃଶୁଳ୍କ ଭୋଜନ ଓ ବସ୍ତ୍ରାଦି ପ୍ରଦାନ କରାଯାଉଛି । ଗୀତା ଭବନର ଆୟୁର୍ବେଦ ସଂସ୍ଥାଠାରେ ଆୟୁର୍ବେଦ ଔଷଧ ଉତ୍ପାଦନ ହୋଇଥାଏ । ସେବାଗ୍ରାମ ଦ୍ୱାରା ଗୋରଖପୁର, କୋଲକାତା, ଚୁରୁ (ରାଜସ୍ଥାନ), ସୁରତ (ଗୁଜୁରାଟ) ଆଦି ସ୍ଥାନମାନଙ୍କରେ ନିଃଶୁଳ୍କ ଆୟୁର୍ବେଦୀୟ ଚିକିତ୍ସା ପ୍ରଦାନ କରାଯାଉଛି । ଗୀତା ପ୍ରେସର ବ୍ରହ୍ମଚର୍ଯ୍ୟ ଆଶ୍ରମ ଚୁରୁଠାରେ ଚାଲୁଛି । ଏଠାରେ ବ୍ରହ୍ମଚାରୀମାନଙ୍କୁ ନିଃଶୁଳ୍କ ଶିକ୍ଷା, ନିବାସ, ଚିକିତ୍ସା, ଭୋଜନ ଆଦି ପ୍ରଦାନ କରାଯାଉଛି । ବ୍ରହ୍ମଚାରୀମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯାଉଛି । କୋଲକତାଠାରେ ଥିବା ଗୋବିନ୍ଦ ଭବନଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅଛି । ଏଠାରେ ପ୍ରତ୍ୟେକ ଦିନ ଗୀତାପାଠ ସହିତ ସାଧୁସନ୍ଥମାନଙ୍କର ପ୍ରବଚନ ହେଉଛି । ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି । ଏହି ବ୍ୟକ୍ତିମାନେ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୁସ୍ତକ ସହିତ ସତ୍‌ସାହିତ୍ୟ ପ୍ରକାଶନର ବିରୋଧୀ ବୋଲି ସ୍ପଷ୍ଟ ଜଣାପଡୁଛି। ଗୀତା ପ୍ରେସ ଗତ ୧୦୦ ବର୍ଷ ଧରି ଭାରତୀୟ ଜନମାନସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କରୁଛି । କେତେକ ରାଜନୈତିକ ନେତାମାନେ ସନାତନ ସଂସ୍କୃତିର ବାହକ ଗୀତା ପ୍ରେସ୍‌କୁ ବିରୋଧ କରି ନୀଚ ସଂଖ୍ୟାଲଘୁ ତୁଷ୍ଟୀକରଣ କରୁଛନ୍ତି । ଭାରତୀୟ ସନାତନ ସଂସ୍କୃତି, ଆଧ୍ୟାତ୍ମିକ, ସାଂସ୍କୃତିକ ଜାଗରଣକୁ ବିରୋଧ କରି ନିଜକୁ ଶ୍ରେଷ୍ଠ ଧର୍ମନିରପେକ୍ଷବାଦୀ ବୋଲି ପରିଗଣିତ କରିବା ଏହି ନେତାମାନଙ୍କର ଫେସନ ହୋଇଗଲାଣି । ପ୍ରକାଶ ଥାଉ କି ଗୀତା ପ୍ରେସ ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ନିଜର ନୀତି ସହିତ ସାଲିସ କରିନାହିଁ । ସେ କେବଳ ପୁରସ୍କାର ଗ୍ରହଣ କରିବ, ପୁରସ୍କାର ସ୍ୱରୂପ ଏକ କୋଟିରୁ ରାଶି ଗ୍ରହଣ କରିବ ନାହିଁ । କାରଣ ସେ ତା'ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ କୌଣସି ଦାନ ଗ୍ରହଣ କରିନାହିଁ ।

ଆଡଭୋକେଟ, ଖଟବିନ ସାହି, କଟକ
ମୋ-୯୪୩୭୦୧୬୩୮୪

## ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

**॥ ଡାକ୍ତର ସମ୍ରାଟ କର ॥**

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।

ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ



ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଶୁଭଦ୍ରାରୁ ମୁଦ୍ରା

**॥ ଶ୍ରୀମତୀ ରଶ୍ମୀ ମହାପାତ୍ର ॥**




“ଉତ୍କର୍ଷ ଓଡ଼ିଶା” ସମ୍ମିଳନୀ ପାଳିତ ହୋଇସାରିଛି। ଶିଳ୍ପ, ପର୍ଯ୍ୟଟନ, ବୟନ, କଳା, ସଂସ୍କୃତି, ଜଙ୍ଗଲ ସମ୍ପଦ, ଖଣି, ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସାମୁଦ୍ରିକ ମତ୍ସ୍ୟ ଇତ୍ୟାଦି କ୍ଷେତ୍ରରେ ଦେଶ ବିଦେଶରୁ ପୁଞ୍ଜିନିବେଶକୁ ମୁଖ୍ୟ ବିଷୟ କରାଯାଇଥିଲା।

ଓଡ଼ିଶା ଏହି ସବୁକ୍ଷେତ୍ରରେ ବିକାଶ ସହିତ ଯୁବବର୍ଗଙ୍କୁ କର୍ମନିଯୁକ୍ତି, ଅର୍ଥନୈତିକ ଅଭିବୃଦ୍ଧି ସହିତ ଐତିହ୍ୟର ଗାରିମାକୁ ନିଶ୍ଚିତ ବିଶ୍ୱଦରବାରରେ ପ୍ରତିଷ୍ଠା କରିପାରିବ ଏହା ନିଃସନ୍ଦେହ। କିନ୍ତୁ ଜଣେ ଓଡ଼ିଶାର ନାଗରିକ ଭାବେ ମୋ ମନରେ କିଛି ସନ୍ଦେହ ରହିଛି। ଏ ପର୍ଯ୍ୟନ୍ତ ଆମେ ସବୁ ରାଜ୍ୟ ଅପେକ୍ଷା ଅଧିକ ବିପିଏଲ ଭୁକ୍ତ ଅଧିକା ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଚେଷ୍ଟିତ କାହିଁକି ? ଓଡ଼ିଶାର ୨୪ ବର୍ଷର ଶାସନ ପରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଦାୟିତ୍ୱ ନେଇଛନ୍ତି। ସ୍ୱଳ୍ପ ସମୟ ଭିତରେ ୨୦୨୪ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ମଧ୍ୟ କରିଛନ୍ତି। ପ୍ରଥମେ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଆଜି ପର୍ଯ୍ୟନ୍ତ ୧ କୋଟି ୭ଲକ୍ଷ ମହିଳାଙ୍କୁ ହିତାଧିକାରୀ ଭାବେ ଆର୍ଥିକ ପ୍ରୋତ୍ସାହନ ଡିବିଟି ଜରିଆରେ ଦିଆଯାଇଛି।

ଆଶା କରୁଛି ଏହି “ଉତ୍କର୍ଷ ଓଡ଼ିଶା” ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିବା ପୁଞ୍ଜିନିବେଶକାରୀ ବୃନ୍ଦ ମହିଳା ତଥା ଯୋଗ୍ୟ ଯୁବତୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବାର ସଂକଳ୍ପ ନେବେ।

ପ୍ରଭୁ ନିବାସ, କୋଟିତୀର୍ଥ ଲେନ, ପୁରୁଣା ଭୁବନେଶ୍ୱର

## ଗୁରୁ ହିଁ ଭଗବାନ

**ଦେବଦତ୍ତ ବିଶ୍ୱାଳ**

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା ? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ ପାଇବା ପାଇଁ ଆମ ମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭ ମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧ୍ୟାତ୍ମିକ ଆଲୋଚନାଟି 'ଗୁରୁ ହିଁ ଭଗବାନ' ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି। ଆମ ମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା।

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା


୧୫୬୧୧ ।

## ନ୍ୟାୟ ଅପେକ୍ଷାରେ ବିସ୍ଥାପିତ ପରିବାର: ଆନ୍ଦୋଳନ ରୁ ହଟିଲେ ଆନ୍ଦୋଳନ କାରୀ

ଦାନଗଦି: (ମହାଭାରତ)ଅଶାନ୍ତ ହୋଇପଡିଛି କଳିଙ୍ଗନଗର ଅଞ୍ଚଳରେ ଦିନକୁ ଦିନ ଅନେକ ସମସ୍ୟା ଲାଗିରହିଥିବା ବେଳେ ,ବିସ୍ଥାପିତ ଜମିହରା ଆଦିବାସୀ ପରିବାର ଙ୍କ ଦାବି ହୋଇପାରୁନାହିଁ ପୂରଣ ଖରା ବର୍ଷା ଶୀତ କୁ ଖାତର ନକରି ମାସ ମାସ ଧରି ଆନ୍ଦୋଳନ କରି ପ୍ରତିଶୃତି ପାଇ ଆନ୍ଦୋଳନ କୁ ପ୍ରତ୍ୟାହୃତ କରିଆସୁଥିଲେ ବିସ୍ଥାପିତ ଜମିହରା ପରିବାର। ବିସ୍ତାବପିତ ଜମିହରା ପରିବାର କୁହନ୍ତି କଳିଙ୍ଗନଗର ଅଞ୍ଚଳରେ କାରଖାନା ହେଲା ସତ ଜାଗା ବାଡ଼ି ଜଙ୍ଗଲ ଜମି ସବୁକିଛି କାରଖାନା କୁ ସମର୍ପିତ କଲୁ ହେଲେ ବିସ୍ଥାପିତଙ୍କ ଦାବି ପୂରଣ କରିବାକୁ ଅରାଜି ହେଉଛି ଟାଟା କମ୍ପାନୀ। ତିନିଦିନ ଧରି ବିସ୍ଥାପିତ ଜମିହରା ଆନ୍ଦୋଳନ କରିଆସୁଥିବାବେଳେ ଟାଟା ନୀଳାଚଳ ର ସମସ୍ତ ଫାଟକ ବନ୍ଦ କରିଛନ୍ତି ବିସ୍ଥାପିତ ପରିବାର।, ଆମକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ କୌଣସି ଶ୍ରମିକ କାରଖାନା ଭିତରକୁ ପ୍ରବେଶ ନିଷେଧ କରିଛନ୍ତି ବିସ୍ଥାପିତ ପରିବାର ମଞ୍ଚ। ଗତ ତିନିଦିନ ଧରି କଳିଙ୍ଗନଗର ରେ ଏକ ଅସାନ୍ତିକରଣ ପରିବେଶ ସୃଷ୍ଟି ହୋଇଥିବାବେଳେ ବିସ୍ଥାପିତ ପରିବାର ମଞ୍ଚ ସହ କମ୍ପାନୀ ର ସୁରକ୍ଷା ବାହିନୀ ଙ୍କ ମଧ୍ୟରେ ଧସାଧସି ହେବାସହ ଦୁଇ ଗୋଷ୍ଠୀ ମଧ୍ୟରେ ମରଣାତ୍ମକ ଆକ୍ରମଣ ପରିବେଶ ସୃଷ୍ଟି ହୋଇ କମ୍ପାନୀ ସୁରକ୍ଷା ବାହିନୀ ବିସ୍ଥାପିତ ପରିବାର ମଧ୍ୟରେ ଉତେଜନା ହୋଇ ରକ୍ତାତ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା, ୩୦/୦୧/୨୫ ଗୁରୁବାର ସକାଳ ସମୟରେ ଟାଟା ରେଲୱେ ମୁଖ୍ୟ ଫାଟକକୁ ବନ୍ଦ କରିଥିଲେ ବିସ୍ଥାପିତ ମଞ୍ଚ,ଆଦିବାସୀ ବିସ୍ଥାପିତ ଙ୍କ ସମସ୍ୟା ସମାଧାନ ପାଇଁ ଏ ଅନ୍ଦୋଳନ ଯାରିରହିଥିବାବେଳେ କଳିଙ୍ଗନଗର ଅଞ୍ଚଳ ତିନିଦିନ ଧରି ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି, ପୋଲିସ ପ୍ରଶାସନ ତରଫ ରୁ ସୁରକ୍ଷା ନିୟନ୍ତ୍ରଣ ପାଇଁ ଦଶ ପ୍ଲାଟୁନ ପ୍ରଶାସନିକ ସୁରକ୍ଷା ବାହିନୀ ଉପସ୍ଥିତ ରହି ଉତେଜନା ହେଉଥିବା ପରିସ୍ଥିତିକୁ ସନ୍ତୁଳନ କରାଇବାକୁ ଲାଗିପଡିଲେ, ହେଲେ ବିସ୍ଥାପିତ ଙ୍କ ସମସ୍ୟା ପୁରଣ ହୋଇପାରିନଥିଲା ୩୦/୦୧/୨୫ ରେ କାରଖାନା ଫାଟକ ସମ୍ମୁଖରୁ ପ୍ରଶାସନ ସୁରକ୍ଷା କର୍ମୀ ଙ୍କ ଉପସ୍ଥିତିରେ ଏବଂ କମ୍ପାନୀ ର ସୁରକ୍ଷା କର୍ମୀଙ୍କ ମୃତାୟନ ସମୟରେ ଆନ୍ଦୋଳନକାରୀଙ୍କ ଆନ୍ଦୋଳନ କୁ ଅସମର୍ଥନ କରି ଆନ୍ଦୋଳନ କରୀଙ୍କ ଆନ୍ଦୋଳନ ଭଙ୍ଗ କରାଯାଇଥିଲା ପରେ ବିସ୍ଥାପିତ ମଞ୍ଚ ପକ୍ଷରୁ ବୀରଭୂମି ଶୀତ ପଡ଼ିଆରେ ଆଦିବାସୀଙ୍କ ଜମିହରା କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ବୈଠକ ରେ ଆଦିବାସୀ ନେତା ତଥା ବାବୁଲି ପୂର୍ତ୍ତି ପିଷ୍ଟପିତ ମାନଙ୍କ ସହ ଆଲୋଚନା କରିଥିଲେ,ପରବର୍ତ୍ତୀ ସମୟରେ ବିସ୍ଥାପିତ ସମସ୍ୟା ସମାଧାନ ପାଇଁ କି ପ୍ରକାର ମୋଡ଼ ନେବା ତାହା ସ୍ପଷ୍ଟ ହୋଇନାହିଁ କାରଖାନା ର ଫାଟକ ସଂପୂର୍ଣ୍ଣ ଖୋଲା ହୋଇ ଶ୍ରମିକ ମାନେ ଯାତାୟାତ କରିବା ସହ ଦୁଇଦିନ ଧରି କାରଖାନା ଭିତରେ ଥିବା ଶ୍ରମିକ ମାନେ ବାହାରକୁ ଆସିଛନ୍ତି।

## ଡକାୟତି ହେବା ଆଗରୁ ଧରାପଡି ଗଲେ ପୋଲିସ୍,ହାତରେ ୫ଅଭିଯୁକ୍ତ ଗିରଫ,



ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ସହର ରେ ହେବାକୁ ଯାଉଥିବା ଏକ ବଡ ଡକାୟତି ଯୋଜନା କୁ ପଣ୍ଡ କଲା ପୋଲିସ୍ ଏଥିରେ ବଡ ସଫଳତା ପାଇଛି। ଯୋଡ଼ା ପୋଲିସ୍ ଏଥି ସହିତ ସଂପୃକ୍ତ ୫ଅଭିଯୁକ୍ତ ଙ୍କୁ ଗିରଫ କରିଛି ପୋଲିସ୍। ଅଭିଯୁକ୍ତ ମାନେ ହେଲେ ଯୋଡା ସହିଦ ନଗର ଉଲି ହଟିଂ ର ଜୟୀ ମୁଣ୍ଡା, ବାଚୁ ହାଟିଂ ର ଜଲିନ ଚୟତାର,ଜିତୁ ଖାନ,ଆଜାଦ ବସ୍ତି ର ସତ୍ୟମ୍ ଗୌଡ ଙ୍କ ସମେତ ଜଣେ ୧୭ ବର୍ଷ ର ନାବାଳକ।ଯୋଡା ଆଇ ଆଇ ସି ଲୋକେଶ ସାହୁ ଙ୍କ ସୂଚନା ଅନୁଯାୟୀ,ବୁଧବାର ବିଳମ୍ବିତ ରାତିରେ ଯୋଡା ସହର ର ଆଜାଦ ବସ୍ତି ନିକଟ ଲକ୍ଷ୍ମୀ ପଡିଆ ଠାରେ ଉକ୍ତ ଅଭିଯୁକ୍ତ ମାନେ ସହର ର ବିଭିନ୍ନ କୋଠା ଘର ଗୁଡିକରୁ ସୁନା ଗହଣା ଚୋରି କରିବା,ସୁନା ଦୋକାନ ଓ ବ୍ୟାଙ୍କ୍ ରେ ଡକାୟତି କରିବାର ଯୋଜନା କରୁଥିବା ନେଇ ବିଶ୍ଵସ୍ତ ସୂତ୍ରରୁ ଖବର ପାଇ ଯୋଡା ଆଇ ଆଇ ସି ଲୋକେଶ ସାହୁ ସଦଳବଳେ ଘଟଣାସ୍ଥଳ କୁ ଯାଇ ଚଢାଉ କରିଥିଲେ ।ଏହି ଚଢାଉ ବେଳେ ଉକ୍ତ ୫ଅଭିଯୁକ୍ତ ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ,୩ଟି ଛୁରୀ ଓ ଗୋଟିଏ ଫାର୍ସ ।ଜବତ କରିଥିଲା । ଏ ନେଇ ଯୋଡା ଥାନା ରେ କେସ ନଂ ୧୯/୨୫ ଦଫା୩୧୦(୪),୩୧୦(୫),ବି ଏନ୍ ଏସ ଓ ୨୫,୨୬ ଆର୍ମସ ଅୟକ୍ଟ ରୁଜୁ କରି ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇ ଆଇ ସି ଲୋକେଶ ସାହୁ ସୂଚନା ଦେଇଛନ୍ତି।

## ଜୟପୁର ସଦର ମହକୁମା ଠାରେ ଗାନ୍ଧୀଜୀଙ୍କ ଶ୍ରାଦ୍ଧ ଦିବସ ପାଳନ



ଜୟପୁର(ମହାଭାରତ): ଜୟପୁର ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଠାରେ ଗାନ୍ଧୀଜୀଙ୍କ ଶ୍ରାଦ୍ଧ ଦିବସ ପାଳନ କରଯଯାଇଛି । ଆଜିର ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ମହଦୟା କୁମାରୀ ଆକବରମ୍ ସସ୍ୟା ରେଡ୍ଡୀଙ୍କ ଦ୍ଵାରା ଦୀପ ପ୍ରଜ୍ଳନ ଓ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜୟପୁର ପୌର ଉଦ୍ୟାନ ଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ଳନ କରା ଯାଇ ଥିଲା। ଆଜି ହେଉଛି ଶହୀଦ ଦିବସ ଏବଂ ସେମାଙ୍କୁ ସ୍ମରଣ କରି ସେହି ଶହୀଦ ମାନଙ୍କ ପାଇଁ ୧ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅନ୍ୟାନ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶକ୍ତି ମହାପାତ୍ର, ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀମତୀ ଯଶୋଦୟ ଗାଦବା, ଭାରପ୍ରାପ୍ତ ପୁଲିସ ଅଧିକାରୀ, ଟାଉନ ଥାନା ଶ୍ରୀ ରମଣୀ ରଞ୍ଜନ ଦଳାଇ, ଭାରପ୍ରାପ୍ତ ପୁଲିସ ଅଧିକାରୀ, ସଦର ଶ୍ରୀ ଈଶ୍ଵର ତାଣ୍ଡି, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପୌର ପାଳିକା ଜୟପୁର ପ୍ରତାପ ଆଚାର୍ଯ୍ୟ, ପୋରପାଳିକୟର କର୍ମଚାରି ଓ ସାମ୍ବାଦିକ ଗଣ ପ୍ରମୁଖ ଆଜିର ଏହି ପବିତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆଶ୍ରମ ବିଦ୍ୟାଳୟ ରେ ଛାତ୍ର ଙ୍କ ମୃତ୍ୟୁ କର୍ତ୍ତୃପକ୍ଷ ଙ୍କ ଅବହେଳା ଅଭିଯୋଗ କଲେ ପରବାର ଲୋକେ



ଖଡ଼ିଆଳ:(ମହାଭାରତ) ଗରୀବ ହରିଜନ ଆଦିବାସୀ ଛାତ୍ରଛାତ୍ରୀ ଙ୍କୁ ହଷ୍ଟେଲ ରେ ରଖି ପାଠ ପଢ଼ାଇବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ଯୋଜନା ଉପରେ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ହଷ୍ଟେଲ କର୍ତ୍ତୃପକ୍ଷ ଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧା ର ସମ୍ମୁଖିନ ହେଉଛନ୍ତି । ଏଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ବ୍ଲକ ଗୋଡାଲ ଅନୁସୂଚିତ ଜନଜାତି ଛାତ୍ରାବାସ ରୁ । ପରିବାରଙ୍କ ଅଭିଯୋଗ ଅନୁଯାଇ କର୍ତ୍ତୃପକ୍ଷ ଙ୍କ ଅବହେଳା ଯୋଗୁଁ ଛାତ୍ରାବାସ ରେ ଜଣେ ୧୩ ବର୍ଷୀୟ ଛାତ୍ର ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।ସିନାପାଲି ବ୍ଲକ ଗୋଡ଼ାଲ ଅନୁସୂଚିତ ଜନଜାତି ଛାତ୍ରାବାସ ରେ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ଦାୟିତ୍ଵହୀନତା ଓ ଅବହେଳା ଯୋଗୁଁ ଜଣେ ୧୩ ବର୍ଷୀୟ ଛାତ୍ର ର ମୃତ୍ୟୁ ଘଟଣା ଜିଲ୍ଲା ରେ ଚର୍ଚ୍ଚା ର ବିଷୟ ହୋଇଯାଇଛି । ସୂଚନା ଅନୁସାରେ ଗୋଡାଲ ଛାତ୍ରାବାସ ରେ ଗତ ଦୁଇ ବର୍ଷ ହେବ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ କଛାରପଡା ଗାଁର ବାପା ଛେଉଣ୍ଡ ଲାଳଧର ମାଝୀ (୧୩) ନାମକ ଛାତ୍ର ଛାତ୍ରାବାସ ରେ ରହି ସ୍ଥାନୀୟ ବିଦ୍ୟାଳୟ ରେ ଅଷ୍ଟମ ଶ୍ରେଣୀ ରେ ପାଠ ପଢ଼ି ଆସୁଥିଲେ । ଗତକାଲି ସନ୍ଧ୍ୟା ସମୟ ରେ ହଠାତ୍ ତାଙ୍କ ମୁଣ୍ଡ ବ୍ୟଥା ହେବା ସହ ସାମାନ୍ୟ ଜ୍ଵର ହୋଇଥିଲା । ପରେ ତାଙ୍କୁ ରାତ୍ର ପ୍ରାୟ ୯ଘଣ୍ଟା ସମୟରେ ସ୍ଥାନୀୟ ସିନାପାଲି ଗୋଷ୍ଠୀ ସ୍ଵାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରି ଆଣିଥିଲେ। ହେଲେ ସକାଳୁ ତାଙ୍କ ସ୍ଵାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସିନାପାଲି ସ୍ଵାସ୍ଥ୍ୟକେନ୍ଦ୍ର କୁ ନେଇ ଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅପରପକ୍ଷରେ ଛାତ୍ର ମୃତ୍ୟୁକୁ ନେଇ ଛାତ୍ରାବାସ ଦାୟିତ୍ଵ ରେ ଥିବା ଅଧିକାରୀ ଓ କର୍ମଚାରୀ ହିଁ ଦାୟୀ ଏଣୁ ପ୍ରଶାସନ ଉଚି ତଦନ୍ତ କରି ଦୋଷୀ ବିରୁଦ୍ଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରିବାର ଲୋକେ । ଗୋଡ଼ାଲ ଛାତ୍ରାବାସ ରେ ଛାତ୍ର ମୃତ୍ୟୁ ଘଟଣା ଜିଲ୍ଲା ରେ ଚର୍ଚ୍ଚାର ବିଷୟ ହୋଇଥିବା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତୀବ୍ର ପ୍ରତିକ୍ରିୟା ଦେଖାଇବା ସହ ବିଭାଗୀୟ ଅଧିକାରୀ ଓ ଛାତ୍ରାବାସ ଦାୟିତ୍ଵ ରେ ଥିବା କର୍ମଚାରୀ ଙ୍କ ଦାୟିତ୍ଵ ହୀନତା ଓ ଆଦିବାସୀ ମାନଙ୍କ ପ୍ରତି ତାଙ୍କର ଆନ୍ତରିକତା ର ଅଭାବ ଯୋଗୁଁ ଏହି ଦୁଃଖଦ ଘଟଣା ଘଟିଯାଇଛି । ଏଣୁ ଘଟଣା କୁ ଜିଲ୍ଲା ଆଦିବାସୀ ଉନ୍ନୟନ ବିଭାଗ ସହ ଜିଲ୍ଲା ପ୍ରଶାସନ ଗୁରୁ□ର ସହ ନେଇ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ପୀଡିତା ପରିବାର କୁ ପଚାସ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି କ୍ଷ ଅପରପକ୍ଷରେ ଏହି ଘଟଣା କୁ ଜିଲ୍ଲା ପ୍ରଶାସନ ଗୁରୁ□ର ସହ ନେଇ ଏକ ସ୍ଵତନ୍ତ ଟିମ ଗଠନ କରି ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝିଙ୍କ ଙ୍କ ନେତୃତ୍ଵ ରେ ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଙ୍କୁ ନେଇ ତଦନ୍ତ ଚଳାଇଛନ୍ତି । ଏ ବିଷୟରେ ଉପଜିଲ୍ଲାପାଳ ଶ୍ରୀ ମାଝୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ତଦନ୍ତ ପରେ ଜିଲ୍ଲାପାଳ ଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ଓ କାର୍ଯ୍ୟରେ ଅବହେଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ନୂଆପଡା ଉପଜିଲ୍ଲାପାଳ ଗଜେନ୍ଦ୍ର ମାଝୀ କହିଛନ୍ତି । ଗୋଡଲ ଛାତ୍ରବାସ ଛାତ୍ର ମୃତ୍ୟୁ ଘଟଣା ରେ ଦାଇତ୍ଵ ରେ ଥିବା କର୍ମଚାରୀ ଓ ଅଧିକାରୀ ଙ୍କ ଅବହେଳା ସ୍ଵଚ୍ଛ ଭାବରେ ଜଣାପଡୁଥିବାବେଳେ ଦାଇତ୍ଵ ହୀନତା ହିଁ ଏକ ମୁଖ୍ୟ କାରଣ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି ।ତଦନ୍ତ କେଉଁ ବାଟ ଦେଇ ଯାଉଛି ଏଥିରେ ପ୍ରକୃତ ରହସ୍ୟ କଣ ସତ ରେ ପଦା କୁ ଆଣିବନା ତଦନ୍ତ ତଦନ୍ତ ରେ ହିଁ ରହିବ ତାହା ତଦନ୍ତ ଅଧିକାରୀଙ୍କ ଛାନଭିନ ପରେ ଜଣାପଡିବ ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହାଟପଦା ସଭାଗୃହଠାରେ ସ୍ଵାସ୍ଥ୍ୟ ଶିବିର ଅନୁଷ୍ଠିତୟ

କନ୍ଧମାଳ:(ମହାଭାରତ): ହାଟପଦା ସ୍ଥିତ ମାଆ ନାରାୟଣୀଙ୍କ ସଭାଗୃହରେ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଏକ ସ୍ଵାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଆୟୁର୍ବେଦିକ ଡାକ୍ତର ଜଗଦୀଶ ବେଜ ସ୍ଵାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ଵାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଡଃ ବେଜ ରୋଗ ନହେବା ପାଇଁ ପ୍ରଥମେ ପ୍ରତିଷେଧକ ବ୍ୟବସ୍ଥା ଉପରେ ଉପସ୍ଥିତ ଲୋକମାନଙ୍କୁ କେତେକ ପରାମର୍ଶ ଦେଇଥିଲେ ।ଆୟୁର୍ବେଦ ଚିକିତ୍ସା ସର୍ବ ପୁରାତନ ଓ ପାର୍ଶ୍ଵ ପ୍ରତିକ୍ରିୟା ନଥାଏ ବୋଲି କହିଥିଲେ ।ବରିଷ୍ଠ ନାଗରିକ ସଂଘର ସଭାପତି କମଳାକାନ୍ତ ପାଣ୍ଡେ ଓ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ ସ୍ଵାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ ।ହାଟ ଦିନ ଥିବାରୁ ଗ୍ରାମା□ଳର କେତେକ ରୋଗୀ ସ୍ଵାସ୍ଥ୍ୟ ସେବା ପାଇଁ ପହଞ୍ଚିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ନବୀନ କିଶୋର ପଣ୍ଡା,ପଦ୍ମ ଚରଣ ସ୍ଵାଇଁ,କେ ଜ୍ଞାନଦୋରା,ବ୍ରଜ ପଟନାୟକ, ପିତାମ୍ବର ମିଶ୍ର, ବଂଶୀଧର ପଣ୍ଡା ଅନନ୍ତ ଚରଣ ମିଶ୍ର ପ୍ରମୁଖ ଯୋଗଦାନ କରି ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହି ଶିବିରରେ ୮୫ଜଣଙ୍କ ଚିକିତ୍ସା କରାଯାଇଥିଲା।

## ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ କନ୍ଧକେଲଗାଁ ଠାରେ ବାର୍ଷିକ ଉତ୍ସବ ପାଳିତ

ଟିଟଲାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ କନ୍ଧକେଲ ଗାଁ ପଞ୍ଚାୟତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ କନ୍ଧକେଲଗାଁ ଠାରେ ସ୍କୁଲ ର ପ୍ରଧାନ ଶିକ୍ଷକ ରାମଗୋପାଳ ଖମାରି ଶ୍ରମା ଙ୍କ ନେତୃତ୍ଵ ରେ ବାର୍ଷିକ ଉତ୍ସବ ମହାଆଡ଼ମ୍ବର ରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଜାତୀୟ ପିତା ମହାତ୍ମାଗାନ୍ଧୀ ଓ ଶ୍ରୀ ଗଣେଶ ଫୋଟୋ ଚିତ୍ର ରେ ଦୀପ ପ୍ରଜ୍ଵଳନ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଓ ସ୍କୁଲ ର ଛାତ୍ରୀ ମାନଙ୍କ ଦ୍ଵାରା ଅତିଥି ମାନଙ୍କୁ ସ୍ଵାଗତଂ ସଙ୍ଗୀତ ଗାନ କରିବା ସହ ଫୁଲତୋଡ଼ା ଦେଇ ସ୍ଵାଗତଂ ଅର୍ପଣ କରିଥିଲେ। ଏଠାରେ ଶିକ୍ଷକ ପ୍ରକାଶଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବା ବେଳେ।ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ.. ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଯୋଗଦେଇଥିବା ବେଳେ ମୋ ସ୍କୁଲ ର ସଭାପତି ଦେବରାଜ ମେହେର, ପରିଚାଳନା କମିଟି ସଭାପତି ଅରୁଣ ଥନାପତି, କନ୍ଧକେଲଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଅହଲ୍ୟା ସାହୁ, ମୁଖ୍ୟ ବକ୍ତା ଭାବରେ କିଶୋର ଚନ୍ଦ୍ର ସାହୁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ଵାରା ନୃତ୍ୟ ଓ ସଂଗୀତ ପରିବେଷଣ ସେହିପରି ବିଭିନ୍ନ ପ୍ରକାରର ସାସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିବାବେଳେ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା.।

## ଲଡୁଗାଁ ଗ୍ରାମ ପଞ୍ଚାୟତ କୁ ବ୍ଲକର ମାନ୍ୟତା କବେ

କୋକସରା (ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁ ଜିଲ୍ଲାରେ ଏକ ବେଶ ଜଣା ଶୁଣା ପ୍ରମୁଖ ସହର। ଏହି ଗ୍ରାମ ପଞ୍ଚାୟତରେ ପାଖା ପାଖି ୨୦ ହଜାର ଲୋକ ବସବାସ କରୁଥିବା ବେଳେ ଏଠାରେ ସମସ୍ତ ପ୍ରକାର ଶିକ୍ଷା ସଂସ୍ଥାନ ସହିତ ବ୍ୟାଙ୍କ, କୃଷି ସମବାୟ ସମିତି,ଡାକଘର, ଡାକ୍ତର ଖାନା ସରକାରୀ ବେସରକାରୀ ବିଭିନ୍ନ ଅନୁଷ୍ଠାନ ତଥା ଅନେକ ନାମୀ ଦାମୀ ଶିକ୍ଷ ସଂସ୍ଥାନ ସବୁ ବହୁ ସଂଖ୍ୟାରେ ରହି ଅଛ। ଲଡୁଗାଁ ଯାହାକି ଏ ଅଞ୍ଚଳର ଏକ ପ୍ରମୁଖ ବାଣିଜ୍ୟକ ପେଣ୍ଠସ୍ଥଳୀ ଅଟେ। ଏହା ଉପରେ କୋକସରା ବ୍ଲକ ସମେତ ଜୟପାଟଣା,କଳମପୁର ,ଧର୍ମଗଡ, ଜୁନାଗଡ଼ ତଥା ନବରଙ୍ଗପୁର ଜିଲ୍ଲାରୁ ତଥା ଛତିଶଗଡ଼ ରାଜ୍ୟରୁ ମଧ ଅନେକ ବ୍ୟବସାୟୀ ମାନେ ବାଣିଜ୍ୟ ପାଇଁ ନିର୍ଭର କରିଥାନ୍ତ। ଏହାର ଆୟତନ ଏବଂ ଜନ ସଂଖ୍ୟାକୁ ଆକଳନ କଲେ ମଧ ଏହା ବ୍ଲକର ମାନ୍ୟତା ପାଇଁ ପ୍ରଯୁଜ୍ୟ ହୋଇଥାଏ। ପୁଣି ପାଖ ଆଖ ଅନେକ ଛୋଟ ବଡ଼ ପ□ାୟତ ଲଡୁଗାଁକୁ ବ୍ଲକ ମାନ୍ୟତା ଦିଗରେ ସହମତି ପ୍ରକାଶ କରୁଛନ୍ତି ।ହେଲେ ସବୁ ପ୍ରକାର ମାନକ ଥାଇ ମଧ ଲଡୁଗାଁକୁ ଦୀର୍ଘ ବର୍ଷ ହେବ ବ୍ଲକ ମାନ୍ୟତାରୁ ବଞ୍ଚିତ ହୋଇ ରହି ଆସୁଛି। ଯାହା ଫଳରେ ଅଞ୍ଚଳର ବିକାଶ ଦିଗରେ ଅନେକ ବାଧା ପ୍ରାପ୍ତ ହେବା ସହ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବିତ ହେଉଛି। ଗ୍ରାମ ବାସୀ ମାନେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ ହେବ ଅନେକ ଆପତ୍ତି ଅଭିଯୋଗ କରି ଆସୁଛନ୍ତି ହେଲେ ପ୍ରଶାସନ ଏଦିଗରେ ଅଣଦେଖା କରି କୌଣସି ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରୁନାହିଁ । ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛ। ଗ୍ରାମ ବାସୀ ମାନେ ବାରମ୍ବାର ବ୍ଲକ ପ୍ରଶାସନ ଠୁଁ ଆରମ୍ଭ କରି ଜିଲ୍ଲାପାଳ, ରାଜ୍ୟପାଳ, ବିଭିନ୍ନ ପଦାଧିକାରୀ ତଥା ନେତା ମନ୍ତ୍ରୀ ଯାଏଁ ମଧ ବ୍ଲକ ମାନ୍ୟତା ପାଇଁ ଗୁହାର ଲଗାଇ ଚାଲି ଛନ୍ତି । ହେଲେ ଗ୍ରାମ ବାସୀ ମାନଙ୍କ ଦାବି ପତ୍ର ଉପରେ କାହାର ନଜର ପଡୁନାହିଁ। ପୁଣି,ବିଭିନ୍ନ ସମୟରେ ଗ୍ରାମ ବାସୀ ମାନେ ଶହ ଶହ ସଂଖ୍ୟାରେ ରାଲି, ଆନ୍ଦୋଳନ କରିଥିବା ମଧ ନଜର ରହିଛି। ହେଲେ କାହିଁକି କେଜାଣି ଲଡୁଗାଁକୁ ବ୍ଲକର ମାନ୍ୟତାରେ ଅଣଦେଖା କରାଯାଉଛି । ବୁଦ୍ଧିଜୀବୀ ମହଲରେ ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ତ୍ତମାନ ପୁଣି ଲଡୁଗାଁକୁ ବ୍ଲକର ମାନ୍ୟତା ପ୍ରଦାନ ଦାବି ନେଇ ଜନମାନସରେ ଆନ୍ଦୋଳନର ଦାନା ବାନ୍ଧୁଥିବା ଦେଖିବାକୁ ମିଳିଛି । ଯଦି ଆଗାମୀ ଦିନରେ ଲଡୁଗାଁକୁ ବ୍ଲକର ମାନ୍ୟତା ପ୍ରଦାନ କରାନଗଲେ ଗ୍ରାମ ବାସୀ ମାନେ ସିଧା ସଳଖ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଖୋଲା ଚେତାବନୀ ଦେଇଛନ୍ତ।

## ରାଇରଙ୍ଗପୁର ଇଣ୍ଡୋର ଷ୍ଟାଡିୟମରେ ଦୁଇ ଦୀବସୀୟ ରାଇରଙ୍ଗପୁର ବ୍ୟାଡମିଣ୍ଟନ ପ୍ରିମିୟମ ଲିଗ ୨୦୨୫ ଅନୁଷ୍ଠିତ

. ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ବ୍ୟଡମି□ନ ପ୍ରିମିୟମ ଲିଗ, ରାଇରଙ୍ଗପୁର ଇଣ୍ଡୋର ଷ୍ଟାଡିୟମରେ ଦୁଇ ଦୀବସୀୟ ରାଇରଙ୍ଗପୁର ବ୍ୟାଡମିଣ୍ଟନ ପ୍ରିମିୟମ ଲିଗ୍ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଛା ବଛା ୨୪ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଇରଙ୍ଗପୁର ଉପ ଜିଲ୍ଲାପାଳ ଶ୍ରୀ ସୋମ୍ୟରଞ୍ଜନ ପ୍ରଧାନ , ରାଇରଙ୍ଗପୁର ପୌରପରିଷଦର ଚେୟାରମ୍ୟାନ ଅଭିଷେକ ପୋଟନାୟକ। ଉପସ୍ଥିତି ରହି ଶୁଭ ଉଦ୍ଘାଟନ କରିଥିଲେ । ଏହି ଲିଗ ରେ ଶିମିଳିପାଳ ଟାଇଗର କୁ ହରାଇ ରୁଚି ବ୍ୟଡ଼ମାଣ୍ଟନ କ୍ଲବ ଚମ୍ପିୟାନ ଦଳ ହୋଇଛି। ଏହି ରାଇରଙ୍ଗପୁର ବ୍ୟଡମିଣ୍ଟନ ପ୍ରିମିୟମ ଲିଗ ରେ ବିଜେତା ରୁଚି ବ୍ୟଡମି□ନ କ୍ଲବ ଚମ୍ପିୟାନ ଦଳକୁ ଟ୍ରଫି ସହିତ ତିରିଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଦ୍ଵିତୀୟ ବିଜେତା ଶିମିଳିପାଳ ଟାଇଗର କୁ ରନର୍ସଅଫ ଟ୍ରଫି ସହିତ କଡିଏ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ରାଇରଙ୍ଗପୁର ବ୍ୟାଡମିଣ୍ଟନ ପ୍ରିମିୟମ ଲିଗ ରେ ରୁଚି ବ୍ୟଡମିଣ୍ଟନ କ୍ଲବ ର କେପଟେନ ମୋନିଷ କୁମାର ପାଲ କୁ ମେନଅଫ ଦି ମ୍ୟାଚ ଏବଂ ମେନ ଅଫ୍ ଦି ସିରିଜ ବିଜେତା ଘୋଷଣା କରାଯାଇଥିଲା। ମୋନିଷ କୁମାର ପାଲ ଙ୍କୁ ମେନଅଫଦି ମ୍ୟାଚ ଏବଂ ମେନଅଫଦି ଫାଇନାଲସିରିଜ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ରୁଚି ବ୍ୟଡମି□ନକ୍ଲବ ର ଅନ୍ୟ ଖେଳାଳି ମାନେ ହେଲେ ସଂଜୀବ, ତୁଷାର, ପ୍ରିୟାଂଶୁ, ଗୁରୁଚରଣ, ମାନସ ଯରୁଚି ବ୍ୟାଡମି□ନ କ୍ଲବ ର କୋଚ ବିନାୟକ ପାଲଙ୍କ ତ୍ଵାବଧାନରେ ମୋନିଷ ପାଲ । ପ୍ରଶିକ୍ଷଣ ନେଇ ଆସୁଛନ୍ତି ।ଏହି ରାଇରଙ୍ଗପୁର ବ୍ୟଡମି□ନ ପ୍ରିମିୟମ ଲିଗ ଦେଖି ବା ପାଇଁ ରାଇରଙ୍ଗପୁର ଇଣ୍ଡର ଇଷ୍ଟାଡିୟମ ରେ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ, ବ୍ୟାଡମି□ନଖେଳ ପ୍ରେମୀ ଯୋଗ ଦେଇ ଖେଳ ଉପଭୋଗ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ରାଇରଙ୍ଗପୁର ବ୍ୟାଡମିଣ୍ଟନ ପ୍ରିମିୟମ ଲିଗ କୁ ଶାନ୍ତି ଶୃଙ୍ଖଳା ରେ ପରିଚାଳନା ପାଇଁ ରାଜା ବରାଳ, ସଞ୍ଜୟ ମହାନ୍ତି, ସିଦ୍ଧାର୍ଥ ପାଲ, ସୀତୁ ମହାନ୍ତ,ନିହାର, ବିଲୁ,ରିଙ୍କୁ, ଟିଙ୍କୁ, ବିଜୟ କୁମାର ମହାନ୍ତ ଏବଂ ରାଇରଙ୍ଗପୁର ବ୍ୟଡମିଣ୍ଟନ ପ୍ରିମିୟମ ଲିଗ ର ଅନ୍ୟ ସଦସ୍ୟ ମାନେ.ସହଯୋଗ କରିଥିଲେ।

## ନୂତନ ତହସିଲଦାର ଙ୍କୁ ବିଜେପି ପକ୍ଷରୁ ସ୍ଵାଗତ



ହାଟଡିହି(ମହାଭାରତ): ହାଟଡିହି ତହସିଲ ରେ ଯୋଗ ଦେଲେ ନୂତନ ତହସିଲ ଦାର୍ ଜ୍ୟୋତ୍ସ୍ନା ମୟୀ ନାୟକ ସେ ପୂର୍ବରୁ ରିଆ ମାଳ ତହସିଲ ରେ କାର୍ଯ୍ୟ ଭାର ତୁଲାଉ ଥିଲା ବେଳେ ସୋମବାର ହାଟଡିହି ତହସିଲ କାର୍ଯ୍ୟାଳୟ ରେ ଦାୟିତ୍ଵ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ତହସିଲଦାର୍ ଦାୟିତ୍ଵ ଅର୍ପଣ କରିଥିଲେ ।ଯୋଗଦାନ ର ପ୍ରଥମ ଦିନ ରେ ସମସ୍ତ କର୍ମଚାରୀ ଙ୍କ ପରିଚୟ ଗ୍ରହଣ କରିଥିଲେ। ପରେ ପରେ ହାଟଡିହି ବ୍ଲକ ବିଜେପି ନେତୃତ୍ଵ ପକ୍ଷରୁ ବିଡ଼ିଓ ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଶୁଭେଚ୍ଛା ବାର୍ତ୍ତା ଜଣାଇବା ସମୟ ରେ ସାଂସଦ ପ୍ରତିନିଧି ହରମୋହନ ସାଣିନି, ଯୁଧିଷ୍ଠିର ମଲ୍ଲିକ, ସୁଶାନ୍ତ କୁମାର ଜେନା, ଙ୍କ ତିନୋଟି ଜୋନ ମଣ୍ଡଳ ସଭାପତି ମାନଙ୍କ ମଧ୍ୟରେ ହରେକୃଷ୍ଣ ସ୍ଵାଇଁ ବଂଚୋ ଜୋନରୁ ଦୀପକ ଜେନା ହାଟଡିହି ମଣ୍ଡଳ ସଭାପତି ଜଗନ୍ନାଥ ବାରିକ ସାଳନିଆ ଜୋନ ସଭାପତି ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମ ରେ ଯୁବ ମୋର୍ଚ୍ଚା ରୁଦ୍ର ପ୍ରସାଦ ଜେନା, ଦେବାଶିଷ ସେନାପତି, ଦୀପକ ଜେନା, ସୁରେନ୍ଦ୍ର ନାୟକ,ନିକୁଞ୍ଜ ଜେନା, ପ୍ରଶାନ୍ତ କୁମାର ରାଉତ, ଜତିନ୍ଦ୍ର ଦାସ, ସୁଧାଂଶୁ ଶେଖର ବେହେରା, ଜଗନ୍ନାଥ ବାରିକ୍, ଆଲୋକ ଦାସ, ହରେକୃଷ୍ଣ ସାମଲ, ଅମୂଲ୍ୟ ରାଉତ, ପ୍ରଶାନ୍ତ ସେନାପତି, ଙ୍କ ମହିଳା ମୋର୍ଚ୍ଚା ସଦସ୍ୟ ମାନଙ୍କ ମଧ୍ୟରେ ତୃପ୍ତି ମୟୀ ଖୁଣ୍ଟିଆ, ମିନତି ଧଳ, ସସ୍ମିତା ଜେନା ଓ ତପନ ସାହୁ, ଦୀପକ ଜେନା ,ହରେକୃଷ୍ଣ ସ୍ଵାଇଁ, , ଜଗନ୍ନାଥ ବାରିକ, ସୁଶାନ୍ତ ଯେନା, ଅଭିନାଶ ସେଠି, ରୁଦ୍ରପ୍ରସାଦ ଜେନା, ଅଶୋକ ଜେନା, ବସନ୍ତ ଜେନା, ଦେବାଶିଷ ସେନାପତି,ରବୀନ୍ଦ୍ର ବିଦ୍ଧାଣି, ପ୍ରଦୀପ ନାୟକ, ଜଗନ୍ନାଥ ସ୍ଵାଇଁ,ଧନେଶ୍ଵର ରାଉତ, ଗୌରାଙ୍ଗ ରାଉତ, ଜଗନ୍ନାଥ ପାତ୍ର, ଆଲୋକ ଦାସ, ପ୍ରଶାନ୍ତ ସ୍ଵାଇଁ, ଅଧର ବେହେରା, ଅମୁଲ୍ୟ ରାଉତ, ଦେବାଶିଷ ବେହେରା,ଅଭିନ୍ନ ରାଉଳ, ନିରଞ୍ଜନ ବିଶ୍ଵାଳ, ସୁରେନ୍ଦ୍ର ନାୟକ,ସୁରେଶ ମହାନ୍ତି, ଗୁରୁଚରଣ ପଣ୍ଡା, ଭବାନୀ ନାୟକ ପ୍ରମୁଖ ବିଜେପି କାର୍ଯ୍ୟର୍କ୍ତା ମାନେ ଯୋଗ ଦେଇଥିଲେ।

## ଆବାସ ଯୋଜନା କେଳେଙ୍କାରୀରେ ସରପଞ୍ଚ ସହ ସ୍ଵାମୀ ଙ୍କୁ ଗିରଫ କରିଛି ପୋଲିସ

ଆର -ଉଦୟଗିରି (ମହାଭାରତ) :ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଟଙ୍କା ଖାଇଥିବା ଅଭିଯୋଗରେ ସରପ□ ଓ ତାଙ୍କ ସ୍ଵାମୀଙ୍କୁ ଗିରଫ କରିଛି ଆର -ଉଦୟଗିରି ପୋଲିସ । ସୂଚନା ପ୍ରକାରେ ଆର ଉଦୟଗିରି ବ୍ଲକ ବସ୍ତୀଗୁଡା ପଞ୍ଚାୟତ ସୁରେଇଖମା ଗାଁର ଜୟନ୍ତୀ ରଇତ ନାମକ ଏକ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ କରିଥିଲେ । ହେଲେ କର୍ଯ୍ୟଦେଶ କୁ ଲୁଚାଇ ରଖିଥିଲେ ସରପଞ୍ଚ ।ଯେତେବେଳ ଜୟନ୍ତୀ ଙ୍କ ବ୍ୟାଙ୍କ୍ ଖାତା ଟଙ୍କା ଆସିଥିଲା ସରପ□ ରୀତାନି ମଣ୍ଡଳ (୨୨) ଓ ତାଙ୍କ ସ୍ଵାମୀ ଉଦିପ ମଣ୍ଡଳ ଘରକୁ ଯାଇ ଭୁଲ୍ ବସ୍ ଟଙ୍କା ଚାଲିଯାଇଛି ଜୟନ୍ତୀଙ୍କ ଠାରୁ ଉଠାଇ ନେଇ ଯାଇଥିଲେ । ପରବର୍ତ୍ତୀ ସମୟରେ ଜୟନ୍ତି ରଇତ ସରପ□ ଙ୍କୁ ଟଙ୍କା ମାଗିଥିଲେ ହେଲେ ଟଙ୍କା ବଦଳରେ ଜୀବନରେ ମାରିଦେବା ଧମକ ମିଳିଥିଲା ତାଙ୍କୁ। ପରେ ବ୍ଲକ କାର୍ଯ୍ୟାଳୟ ଓ ଆର -ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିବା ସହ ଗତ ଡିସେମ୍ବର ମାସ ୨୩ ତାରିଖ ରେ ଶବରପଲ୍ଲୀ ପଂଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରିଥିଲେ କ୍ଷ ତେବେ ଆଜି ଦିନ ୧୦ ଘଣ୍ଟା ସମୟରେ କେସ ନମ୍ବର ୧୭୧/୨୪ ରେ ମାମଲା ରୁଜୁ କରି ୪୨୦,୨୯୪,୫୦୬,୩୪ ଦଫାରେ ଆଜି ଆର -ଉଦୟଗିରି ପୋଲିସ ସରପଞ୍ଚ ଓ ତାଙ୍କ ସ୍ଵାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଆସିକା କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ବୈଠକ

ଆସିକା(ମହାଭାରତ): ଆଜି ସନ୍ଧ୍ୟା ୫ ଘଣ୍ଟା ସମୟରେ ଶ୍ରୀ ପ୍ରଶାନ୍ତ କରଙ୍କ ସଭାପତ୍ଵିବରେ କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ବୈଠକ ଅଶୋକ ସିନେମା ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସଂଘର ସଦସ୍ୟ ଓ ସଦସ୍ୟା ଯୋଗଦାନ କରି ନୂତନ କର୍ମ କର୍ତ୍ତା ଏଂ କାର୍ଯ୍ୟ କାରି କମିଟି ଚୟନ କରି ଥିଲେ। ଶ୍ରୀ ଶଙ୍କର ସାହୁ, ଶ୍ରୀ ପ୍ରଶାନ୍ତ କର ଓ ଶ୍ରୀ ସନ୍ତୋଷ କୁମାର ସେଠୀ ଙ୍କୁ ଉପଦେଷ୍ଟା, ଶ୍ରୀମତୀ ସୁଦେଷ୍ଣା ପଟ୍ଟନାୟକ ସଭାପତି, ଶ୍ରୀ ଶ୍ୟାମ ସୁନ୍ଦର ପାଢ଼ୀ ଓ ଶ୍ରୀ ଶିବରାମ ଗୌଡ଼ ଉପ-ସଭାପତି, ଶ୍ରୀ ଅରୁଣ କୁମାର ସେଠୀ ସମ୍ପାଦକ, ଶ୍ରୀ ଦିଲୀପ କୁମାର ସାହୁ ଯୁଗ୍ମ ସମ୍ପାଦକ, ଶ୍ରୀ ଅମିୟ ସିନ୍ଧୁ ମୁନି ଅବିଭାବକ ସଙ୍ଘ ସଦସ୍ୟ, ଏଂ ଶ୍ରୀମତୀ ଶିବାନୀ ରଞ୍ଜନ ମହାପାତ୍ର, ଶ୍ରୀମତୀ ଯଜ୍ଞସେନୀ ପ୍ରଧାନ, ଶ୍ରୀ ବିନୋଦ ଚନ୍ଦ୍ର ଦୋରା, ଶ୍ରୀ ମିହିର କାନ୍ତ ସାହୁ, ଶ୍ରୀ କୃଷ୍ଣ ଚନ୍ଦ୍ର ସେଠୀ, ଶ୍ରୀ ଚି□ରଞ୍ଜନ ମଣ୍ଡଳ, ଶ୍ରୀ ମାନସ କୁମାର ଭୁୟାଁ ଙ୍କୁ ସଦସ୍ୟ ଭାବେ ଚୟନ କରଯାଇଥିଲା। ସଂଘର ଭବିଷ୍ୟତ କାର୍ଯ୍ୟ ପ୍ୟା ନିର୍ଦ୍ଧାରଣ ପାଇଁ ଆସନ୍ତା ୦୫.୦୨.୨୦୨୫ ବୁଧବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ଆସିକା ବାଣୀବିହାର ସ୍ଥିତ ଶ୍ରୀ ରାଧା କୃଷ୍ଣ ମନ୍ଦିର ରେ ବୈଠକ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ

ଦାନଗଦି:କଳିଙ୍ଗନଗର (ମହାଭାରତ) ଭାରତ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ ନିପୁଣ ଓଡିଶା କାର୍ଯ୍ୟକ୍ରମ ଦାନଗଦି ବ୍ଲକର ସମସ୍ତ କ୍ଲଷ୍ଟରରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ,ଅଭିଭାବକ, ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବେ ନିପୁଣ ଓଡ଼ିଶାର ମୂଳଲକ୍ଷ୍ୟ। ଉକ୍ତ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣଙ୍କ ତତ୍ୱାବଧାନରେ ସମସ୍ତ ସି. ଆର. ସି. ସି ଯଥା ଧର୍ମେଜୟ ରାଉତ(ଚଣ୍ଡିମାତା), ସର୍ଜି ପ୍ରିତମ୍ ମିଶ୍ର (ଶାଳିଜଙ୍ଗା), ସୁରେନ୍ଦ୍ର ବାରିକ(ମାନତିରା), ଅମିୟ କୁମାର ସାହୁ (ଉଛବାଲି), ବିନୟ କୁମାର ସେଠି(ଆଶ୍ୱଥପାଳ), ସୁନୀଲ କୁମାର ସାହୁ(କିଆଝର), ନସୀମ ମୁବାରକ(ଧୂଳିଗଡ), ସୁକୁଲାଲ ବାସ୍କେ(ହିଙ୍ଗୁଳା), ବିଚିତ୍ର କୁମାର ବାଇ(ନନ୍ଦକିଶୋରପୁର), କୁଳମଣି ମୁଦୁଲି(ଯଖପୁରା),ଦିବାକର ମାଝୀ (ରଣାଗୁଣ୍ଡି),କଳ୍ପତରୁ ତରାଇ (ଜୁଝପଦା) ସୁରୁରୁ ରୂପେ ଦାଇତ୍ୱ ନେଇ ସମ୍ପାଦନ କରିଥିଲେ।

# ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

(ବସ୍ତା/ ମହାଭାରତ) ବସ୍ତା ବ୍ଲକ ଭେଲୋରା କ୍ଲଷ୍ଟର ଅନ୍ତର୍ଗତ କ୍ଷୀରୋଦାମଣି ପ୍ରାଥମିକ ବିଦ୍ୟାଳୟରେ 'ନିପୁଣ ଓଡ଼ିଶା ମେଳା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁ ଭେଲୋରା କ୍ଲଷ୍ଟର ସିଆରସି ଅସ୍ମି କୁମାର ଦାସ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବରେ ବସ୍ତା ସହ ଗୋଷ୍ଠୀ ଶିକ୍ଷ୍ୟାଧିକାରିଣୀ ବାସନ୍ତୀ ପୁଷ୍ଟି, ମୁଖ୍ୟ ବକ୍ତା ଭାବେ ବସ୍ତା ପଞ୍ଚାୟତ ସମିତି ଉପାଧକ୍ଷ ଦିଲ୍ଲିପ କୁମାର ଦାସ ମହାପାତ୍ର, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ , ସରପ□ ଦୁର୍ଗାରାଣୀ ଜେନା ଯୋଗ ଦେଇ ବର୍ତ୍ତମାନ ଶିକ୍ଷାନୀତି ,ଶିକ୍ଷାପଦ୍ଧତି ସହିତ ନିପୁଣ ଓଡ଼ିଶା ମେଳା, ମୌଳିକ



ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଅଭିମତ ରଖିଥିଲେ। ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲାଗିଥିବା ବିଭିଓ ଷ୍ଟଲ କୁ ଛାତ୍ରଛାତ୍ରୀ, ଅଭିଭାବକ,ଶିକ୍ଷକ ଶିକ୍ଷୟତ୍ରୀ ପରିଦର୍ଶନ କରିବା ସହିତ ନିଜ ନିଜର ବହୁ ମୂଲ୍ୟ ଅଭିମତ ରଖିଥିଲେ। ଶିକ୍ଷକ ଏସକେ ମୁସଲିମ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ଜାମସୁଳି କ୍ଲଷ୍ଟର ଅଧିନସ୍ଥ ଜୟଚଣ୍ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଭବାନୀ ଶଙ୍କର ମଣ୍ଡଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁଳତା ଦାସ ସଭାପତିତ୍ୱ କରିଥିବା ବେଳେ, ଅତିଥି ଭାବେ ମୁଖ୍ୟ ଅତିଥିଭାବେ ସୁଧାଂଶୁ ଶେଖର ବିଶ୍ୱାଳ,ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ସମ୍ମାନୀୟ ଅତିଥି ଭାବେ ଅଚ୍ୟୁତାନନ୍ଦ ଗନ୍ତାୟତ, ହରପ୍ରିୟା ବିଶ୍ୱାଳ,ପ୍ରଶାନ୍ତ କୁମାର ଦାସ, ବିନୋଦିନୀ ପାଢ଼ୀ ଉପସ୍ଥିତ ଥିବା ବେଳେ ସୁଦୀପ କୁମାର୍ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ବେଲି କ୍ଲଷ୍ଟର ପଖରୁ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଉକ୍ତ କାର୍ଯ୍ୟକ୍ରମ କୁ ଶିକ୍ଷକ ଅରୁଣ କୁମାର୍ ବାରିକ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ରଘୁନାଥପୁର ପଞ୍ଚାୟତ ସରପଞ୍ଚ ଅନନ୍ତ ବାରିକ , ସମାଜ ସେବୀ ସରୋଜ କୁମାର ପାଳ, ସିଆରସିସି ତନଞ୍ଜୟ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସାହାଜାଦା ଖାଁ , ବରେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଲିଆପାଟି ୟୁବି ୟୁପି ବିଦ୍ୟାଳୟରେ ସିଆରସିସି ହରେନ୍ଦ୍ର ଗିରି ସଭାପତିତ୍ୱ କରିଥିବା ବେଳେ, ଅତିଥି ଭାବେ ପୁଟୁରା ସରପ□ ରାଧା କୃଷ୍ଣ ବେହେରା ,ପରିଚାଳନା କମିଟି ର ଉପ ସଭାପତି ମଞ୍ଜୁଲତା ସାମନ୍ତ, ଶିକ୍ଷକ ଜ୍ଞାନରଞ୍ଜନ ଗିରି ପ୍ରମୁଖ ଯୋଗ ଦେଇ ଥିଲେ। ଅନୁରୂପ ଭାବେ ବରୁଣ ଗଡିଆ କ୍ଲଷ୍ଟର ବରୁଣ ଗଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ , ଅତିଥି ଭାବେ ସ୍ଥାନୀୟ ସରପ□ କରୁଣାକର ମଲ୍ଲିକ, ଭବାନୀ ଜେନା , ଅତିରିକ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୁଷ୍ଟି, ସିଆରସିସି ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକ ସମ୍ମିଳନୀ, ଉତ୍ସବ ପ୍ରଧାନ ପାଟ -୨୦୨୫



ଦେବଗଡ଼ (ମହାଭାରତ):ଗୁରୁବାର ଆଜି ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପ୍ରଧାନପାଟ ବଡବଗିର୍ଚ୍ଛ ପଡିଆରେ ଜିଲ୍ଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଏବଂ ପଲ୍ଲିଶ୍ରୀ ମେଳା ଫେବୃୟାରୀ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀ ରେ ଉତ୍ସବ ପ୍ରଧାନପାଟ ଉପରେ ସୂଚନା ଦେଇଥିଲେ । ଉତ୍ସବ ପ୍ରଧାନପାଟ ଉପଲକ୍ଷେ ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା ଓ ମୀନାବଜାର ସହିତ ଓଡିଶାର ଆଗ ଧାଡିର କଳାକାର ମାନଙ୍କ ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିବସ ଅପରାହ୍ନ ୨ଘଟିକା ରେ ମା କନକ ଦୁର୍ଗା ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପ୍ରଧାନପାଟ ପହଂଚି ମା ପଧାନୀ ବୁଢ଼ୀ ଙ୍କୁ ପୂଜାର୍ଚ୍ଚନା କରାବା ସହ ସଂନ୍ଧ୍ୟା ରେ ବଡ଼ବଗିର୍ଚ୍ଛ ଠାରେ ଉତ୍ସବ ପ୍ରଧାନପାଟ ଉଦଘାଟିତ ହେବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏଥିରେ ଜିଲ୍ଲା ତଥା ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାର ମାନେ ସାମିଲ ହେବେ । ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ୩୯ ତମ ବାର୍ଷିକ ଉତ୍ସବ ପାଳିତ



ଆସିକା(ମହାଭାରତ):ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ୩୯ ତମ ବାର୍ଷିକଉତ୍ସବ ଇଂରାଜୀ ବିଭାଗର ମୁଖ୍ୟ ଡଃ ଲୀନା ଲିଲିୟାନଙ୍କ ସଂଯୋଜନା ଓ ମହାବିଦ୍ୟାଳୟର ଅଧକ୍ଷ ଡଃ ସରୋଜ କୁମାର ଜେନା ଅଧକ୍ଷତା କରିଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସିଦ୍ଧାର୍ଥ ଶଂଙ୍କର ପାଢୀ ମୁଖ୍ୟ ଅତିଥି ଓ ଉଚ୍ଚ ମାଧମିକ ଶିକ୍ଷାର ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସୁଶାନ୍ତ ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଛାତ୍ରୀମାନଙ୍କୁ ସାଂପ୍ରତିକ ପରିସ୍ଥିତିରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ରହି ଅନେକ ଉତ୍ସାହ ସହିତ ଉପଭୋଗ କରିଥିଲେ। ଅନୁଷ୍ଠିତ ବାର୍ଷିକଉତ୍ସବ କାର୍ଯ୍ୟକ୍ରମରେ ଅଧ୍ୟାପିକା ଡଃ ଉର୍ମିଳା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ବାର୍ଷିକଉତ୍ସବ କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ ଓମ ନାରାୟଣ ରାଓ ଓ ଶ୍ରୀ ଗଣେଶ୍ୱର ମିର୍ଝି, ଶ୍ରୀ ଗୋପିନାଦ କର, ଡଃ ସୁପ୍ରିୟା ଦାଶ, ଡଃ ଲକ୍ଷ୍ମଣ କୁମାର ସୋରେନ, ଡ଼ଁ ଜୟପ୍ରଦା ମହାପାତ୍ର, ଡଃ ପ୍ରମୋଦ କୁମାର ତିଆଡି, ବି ପାଣ୍ଡବ ରେଢ୍ଡୀ, , ସୁନୀଲ କୁମାର ଆର୍ଯ୍ୟ, ଚିନ୍ମୟ କୁମାର ବାରିକ୍, ସନାତନ ପ୍ରଧାନ, ପ୍ରଦିପ କୁମାର ସାହୁ, ସୁଧାଂସୁ କୁମାର ହୋତା, ଆଶୀର୍ବାଦ ମହାନ୍ତି, ଶୁଭ କୁମାର ପାତ୍ର, ମନ୍ମୟ ମୁନି, ଜଗନ୍ନାଥ ସିମଲ, ଶ୍ରଧାଞ୍ଜଳୀ ମଲ୍ଲିକ, ଚନ୍ଦିନୀ ସେଠୀ, ଭାଗ୍ୟଶ୍ରୀ ବେହେରା, ଭାଗ୍ୟଲକ୍ଷ୍ମୀ ପ୍ରଧାନ, ରାଜେଶ୍ୱରୀ ସାହୁ, ମମତା ନିଷାଙ୍କ, ପ୍ରତିଭା ରାଣୀ ନାୟକ, ଶେଫାଳୀ ସୁଚରିତା ପ୍ରଧାନ, ଇତିଶ୍ରୀ ପଣ୍ଡା, ରିଙ୍କି ନାହାକ, କ୍ରିଷ୍ଣା ପାତ୍ର, ଶ୍ରୀବାସ ପାତ୍ର, ପୂର୍ଣ୍ଣବାସୀ ବେହେରା, ରଜନୀ, ରାଣୀ, ତାରେଣୀ, ରଶ୍ମି, ରଂଜିତା ଲେଙ୍କା, ଭାରତୀ ପ୍ରଧାନ, ସତ୍ୟଭାମା ସିଂ, ପୁଷ୍ପାମୁଣ୍ଡା, ଶିଶିର କୁମାର ସେଠୀ, ସୁକାନ୍ତ କୁମାର ବେହେରା, ବାଦଲ ଆଚାରୀ, ପ୍ରିୟଙ୍କା ସାହୁ, ଅଶୋକ କୁମାର ବେହେରା, ରଚନା ନାହାକ, ସସ୍ମିତା ପାଣି, ମନୁ ଡାକୁଆ, ସିମା ପାତ୍ର, ନମିତା ସେଠୀ, ଶାନ୍ତି ଦାସ ପ୍ରମୁଖ ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ସହୀଦ ଦିବସରେ ଦେଶମାତୃକା ପାଇଁ ଆତ୍ମ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ନିମନ୍ତେ ନିରବ ପ୍ରାର୍ଥନା



ଗୁଣପୁର(ମହାଭାରତ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଆଜି ଶହୀଦ ଦିବସ ପାଳିତ ହୋଇଯାଇଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାପୁରୁଷ ଓ ମହିୟସୀ ମାନେ ନିଜ ଜୀବନକୁ ଆତ୍ମ ବଳିଦାନ ଦେଇଛନ୍ତି ସେମାନଙ୍କ ସ୍ମୃତି ଉଦେଶ୍ୟରେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶହୀଦ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ଗୁଣପୁରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲ୍ଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକଙ୍କ ଆହ୍ୱାନରେ ବରିଷ୍ଠ ରାଜସ୍ୱ ସହାୟକ ଅଜୟ ନାହାକ, ଗଣି ମାଳି, ରାଧାକୃଷ୍ଣ ସେଠି, ମନୋଜ ପାତ୍ର, ସୁଶାନ୍ତ ଦାସ, ହରି ମିଶାଲ, ସଦମିତା ଗମାଙ୍ଗ, କନିଷ୍ଠ ରାଜସ୍ୱ ସହାୟକ ନନ୍ଦିତା ଶବର, ରାଜେଶ ସାହୁ, ବିନୋଦ ଶବର, ଅଜୟ ଶବର, ତପନ ରଥ, ବିକ୍ରମ ସାହୁ, ଯସ୍ମୀନ ଭୂୟାଁ, କବିରାଜ, ଅନନ୍ତ ବିଡିକା, ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦାନ କରି ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଓ ସେମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମକୁ ଅନନ୍ତ ପାତ୍ର ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ-୨୦୨୪-୨୫ ଅନୁଷ୍ଠିତ

ବିଷମ କଟକ(ମହାଭାରତ) : ରାୟଗଡା ଜିଲ୍ଲା ବିଷମ କଟକ ସଦର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ପଞ୍ଚାୟତ ସମିତି ବିଷମ କଟକ ସହାୟତାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ରାୟଗଡା ବିଭାଗ ନେତୃତ୍ୱରେ ଭିଓକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପଜିଲ୍ଲାପାଳ କିରଣ ଦିପ କୋର , ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ,ତହସିଲଦାର କେ ଭେଙ୍କେଟେଶ୍ୱର ରେଡି ,ଭାଇସ ଚେୟାରମେନ ବରିଷ୍ଠ ଯୋଗ ଦେଇ ସ୍ୟକବି ଭୀମ ଭୋଇଙ୍କ ଫଟୋଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି ଅନୁଷ୍ଠାନୀକ ଭାବେ ଉଦଘାଟନ କରିଥିଲେ। ଏଥିରେ ପଞ୍ଜିକରଣ ହୋଇଥିବା ଶାରୀରିକ ଭିନ୍ନକ୍ଷମ ଯଥା ,ମାନସିକ, ଚକ୍ଷୁ ରୋଗ ,ମୂକ ଓ ବଧିର ଓ ଅନ୍ୟାନ୍ୟ ସମୂଦାୟ ପଞ୍ଜିକରଣ ୨୧୭ ଜଣ କରିଥିବା ବେଳେ ବସ ପାସ ଓ ଟ୍ରେନ ପାସ ୧୨ କରିଥିବା ବେଳେ ୭ ଗୋଟି ଉପକରଣ ସହାୟତା କରିଥିଲେ। ଏହି ଶିବିରରେ ବିଷମକଟକ ବ୍ଲକ ର ୨୦ ଗୋଟି ପଞ୍ଚାୟତର ଭିନ୍ନକ୍ଷମ ଯୋଗ ଦେଇଥିଲେ ଓ ସମସ୍ତ ଭିନ୍ନକ୍ଷମ ଖାଇବା ବ୍ୟବସ୍ଥା କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ କର୍ମଚାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମସ୍ତ ସହଯୋଗ କରିଥିଲେ।

## ବିଷମ କଟକ ବିଦ୍ୟୁତ ବିଭାଗ ଦ୍ୱାରା ସଡକ ସୁରକ୍ଷା ପରବାର ରକ୍ଷା ସଚେତନ ରାଲି ଅନୁଷ୍ଠିତ

ବିଷମ କଟକ (ମହାଭାରତ) ରାୟଗଡା ଜିଲ୍ଲା ବିଷମ କଟକ ବିଦ୍ୟୁତ ବିଭାଗ ଅନୁକୁଳ୍ୟରେ ବିଷମ କଟକ ପୋଲିସ ବିଭାଗ ର ସହଯୋଗ ରେ ବିଷମ କଟକ ସଦରରେ ଏକ ସଡକ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନା ରାଲି ପ୍ରଥମେ ସବ ଷ୍ଟେସନ ରୁ ବାହାରି ବିଷମ କଟକ ସହର ପରିକ୍ରମା କରି ସଡ଼କ ସୁରକ୍ଷାର ବିଭିଓ ସଚେତନାର ସ୍ଲୋଗାନ ଦେଇଥିଲେ ।ରାଲିରେ ବିଦ୍ୟୁତ ବିଭାଗ ଅର୍ମଚାରି ମାନେ ହାତରେ ପ୍ଲାକାର୍ଡ ଧରି ଲୋକଙ୍କୁ ସଡକ ସୁରକ୍ଷାର ସଚେତନତା ବାର୍ତ୍ତା ବାଂଟିଥିଲେ । ଗାଡି ଚଳାଇବା ବେଳେ ହେଲମେଟ ର ବ୍ୟବହାର,ମଦ୍ୟପାନ ନ କରି ଗାଡି ନଚଳାଇବା, ଗାଡି ଚଳାଇବା ସମୟରେ ଫୋନରେ କଥା ନ ହେବା, ଦ୍ରୁତ ଗତିରେ ଗାଡି ନ ଚଲାଇବା, ଟ୍ରାଫିକ ନିୟମ କୁ କଡା କଡ଼ି ଭାବେ ପାଳନ କରିବା , ଦୁଇ ଚକିଆ ଗାଡି ଚଳାଇଲା ବେଳେ ହେଲମେଟ ଓ ପଛରେ ବସିଥିବା ବ୍ୟକ୍ତି ହେଲମେଟ ର ବ୍ୟବହାର ସହ



ନାବାଳକ ମାନେ ଗାଡି ନ ଚଳାଇବା କୁ ଜନସାଧାରଣ ଙ୍କୁ ସଚେତନ କରିଥିଲେ । ସଚେତନତା ରାଲିରେ । ଦେବଦତ ପଟନାୟିକ, । ନିରଞ୍ଜନ ବେଉରା, ସୁରକ୍ଷା ଅଧିକାରୀ ରାଜେଶ ପାତ୍ର, ସୋରଜ କୁମାର ଗୌଡ଼, ପ୍ରମୁଖ ସଚେତନତା ରାଲିରେ ଉପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର

ପରଜଙ୍ଗ (ମହାଭାରତ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଦିବ ୧୧ ଘଟିକା ସମୟରେ କୁଆଲୁ ଗ୍ରାମପଞ୍ଚାୟତ ଠାରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନମଣ୍ଡଳୀ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବିଭୁତି ଭୂଷଣ ପ୍ରଧାନ ଯୋଗଦାନ କରିଥିଲେ । ତତ୍ର ସହିତ ପରଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷଓ ଶ୍ରୀମତୀ ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଶ୍ରୀମତୀ ଜସସ୍ମିନୀ ରାଉତ, କୁଆଲୁ ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀ ଅଜିତ ସାହୁ ଉପସ୍ଥିତ ଥିଲେ। ଏତତ ବ୍ୟତିତ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୁତାର, ସହକାରୀ ଶ୍ରମ ଅଧିକାରୀ, ଶ୍ରୀଯୁକ୍ତ ସଂଗ୍ରାମ ଦଳାଇ, ସହକାରୀ ଶ୍ରମ ଅଧିକାରୀ ଶ୍ରୀମତୀ ବୈଜୟନ୍ତୀ ମାଳା ମଲିକ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟକ୍ଷଳୟର ଅନ୍ୟାନ୍ୟ କର୍ମଚାରୀ ମଧ ଉପସ୍ଥିତ ଥିଲେ। ଉକ୍ତ ଶିବିରକୁ ଜିଲ୍ଲା ଶ୍ରମ ଅଧିକାରୀ, ଶ୍ରୀଯୁକ୍ତ ତପନ କୁମାର ସୁତାର ପରିଚାଳନା କରିଥିଲେ। ସ୍ୱାଗତ ଭାଷଣ ସହକାରୀ ଶ୍ରମ ଅଧିକାରୀ, ଶ୍ରୀଯୁକ୍ତ ସଂଗ୍ରାମ ଦଳାଇ ପ୍ରଦାନ କରିଥିଲେ, ସହକାରୀ ଶ୍ରମ ଅଧିକାରୀ, ଶ୍ରୀମତୀ ବୈଜୟନ୍ତୀ ମାଳା ମଲିକ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୪ ଜଣ ହିତାଧିକାରୀ ଙ୍କୁ ବିବାହ ସହାୟତା ରାଶି ୧୭,୦୦,୦୦୦/- (ସତର ଲକ୍ଷ) ଟଙ୍କା, ୧୭ ଜଣ ହିତାଧିକାରୀ ଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୩୩,୦୦,୦୦୦/- (ତେତିଶ ଲକ୍ଷ)ଟଙ୍କା, ୧୭ ଜଣ ହିତାଧିକାରୀ ଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ଜନିତ ସହାୟତା ରାଶି ୮୫,୦୦୦/- (ପଞ୍ଚାଅଶି ହଜାର) ଟଙ୍କା ଏବଂ ୩୨ ଜଣ ହିତାଧିକାରୀ ଙ୍କୁ ଶିକ୍ଷା ସହାୟତା ରାଶି ୩,୩୧,୬୦୦/- (ତିନି ଲକ୍ଷ ଏକତିରିଶ ହଜାର ଛଅଶହ) ଟଙ୍କା ଏହିପରି ୧୦୦ ଜଣ ହିତାଧିକାରୀଙ୍କୁ ମୋଟ ୫୪,୧୬,୬୦୦/- (ଚଉବନ ଲକ୍ଷ ଷୋହଳ ହଜାର ଛଅଶହ) ଟଙ୍କା ଏବଂ ଓଡିଶା ଅଣସଙ୍ଗଠିଥ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ତରଫରୁ ୧୨ ଜଣ ହିତାଧିକାରୀ ଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୧୭,୦୦,୦୦୦/- (ସତର ଲକ୍ଷ) ଟଙ୍କା ସେମାନଙ୍କ ଆକାଉଣ୍ଟକୁ ମାଧମରେ ପ୍ରଦାନ କରାଯିବୟ ୪୦୦ ଜଣ ନୂତନ ହିତାଧିକାରୀ ଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଏବଂ ୧୦୦ ଜଣ ହିତାଧିକାରୀ ଙ୍କୁ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଅଧୀନରେ ପରିଚୟ ପତ୍ର ପ୍ରଦାନ କରାଯାଇଅଛି।



## କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

କନ୍ଧମାଳ(ମହାଭାରତ):ରାଜ୍ୟସରକାରଙ୍କ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ପ୍ରାରମ୍ଭିକ ସ୍ତରର ତଥା ପ୍ରଥମରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କ୍ଷେତ୍ରରେ ଅଭିନବ ଶିକ୍ଷାଦାନ ପଦ୍ଧତିକୁ ପ୍ରୋତ୍ସାହିତ ଓ ପ୍ରଦର୍ଶନ କରିବା , ଏହାକୁ ସଫଳ ଭାବରେ କାର୍ଯ୍ୟକାରୀ କରୁଥିବା ବିଦ୍ୟାଳୟ ଗୁଡିକୁ ଉତ୍ସାହିତ ଓ ପ୍ରଶଂସିତ କରିବା ,ଏହାର ସଫଳ ରଣନୀତିଗୁଡିକୁ ଅନ୍ୟମାନଙ୍କୁ ଜଣାଇବା, ଗୋଷ୍ଠୀ ଓ ଅଭିଭାବକ ମାନଙ୍କୁ ନିପୁଣ ଓଡିଶା ମିଶନ ବିଷୟରେ ସଚେତନ ସୃଷ୍ଟି କରିବା ଦିଗରେ ନିଆଯାଇ ଥିବା ଏକ କାର୍ଯ୍ୟକ୍ରମ ନିପୁଣ ଓଡ଼ିଶା ମେଳା ଆଜି ୩୦. ୦୧. ୨୦୨୫ ଗୁରୁବାର ଦିନ ଖଜୁରୀପଡ଼ା ବ୍ଲକ ଅଧିନସ୍ଥ ଦୁତିପଡ଼ା କ୍ଲଷ୍ଟର ଅନ୍ତର୍ଗତ କୁକୁରୁକୁମ୍ପା ପ୍ରାଥମିକ ବିଦ୍ୟାଳୟ ଠାରେ ସି ଆର ସି ସି ଅଶୋକ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ସାକ୍ଷରତା, ସଂଖ୍ୟାଜ୍ଞାନ ,ସୃଜନାତ୍ମକ ଓ ମତାମତ ଭଳି ୪ଟି ଷ୍ଟଲ କରାଯାଇ କ୍ଲଷ୍ଟରର ବିଭିଓ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଦୁତିପଡ଼ା ସମିତି ସଭ୍ୟ ଶୁକଦେବ ସେଠି ଉଦଘାଟନ କରିବା ସହିତ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ ଏବଂ ମାନ ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁକୁରୁକୁମ୍ପା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବବିତା କହ୍ନର, ୱାର୍ଡ଼ ମେମ୍ବର କୃଷ୍ଣଚନ୍ଦ୍ର ମୁଖି ରହିଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ସି ଆର ସି ସି ରଘୁନାଥ କହ୍ନର ଉପସ୍ଥିତ ରହି ନିପୁଣ ଓଡ଼ିଶା ମେଳା ର ଲକ୍ଷ ଉଧେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ଅଭିଭାଷଣ ରଖିଥିଲେୟ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଏକଲବ୍ୟ କହ୍ନର, ଉଲିରାଣୀ ସାହୁ, ଝରଣା ଦାଶ, ନିରୁପମା ସାହାଣୀ ସହଯୋଗ କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ମଲିକ ମଞ୍ଚ ପରିଚାଳନା କରିଥିଲେ ଏବଂ ଶ୍ରୀଦେବୀ କହ୍ନର ଧନ୍ୟବାଦ ଅର୍ପଣ କରିଥିଲେ।

## ଘୁମୁସର ଦକ୍ଷିଣ ବନଖଣ୍ଡର ବୁଗୁଡା ବନାଞ୍ଚଳରେ କୃଷ୍ଣସାର ମୃଗ ଗଣନା



ଆସିକା(ମହାଭାରତ): ଭଞ୍ଜନଗର ଦକ୍ଷିଣ ବନଖଣ୍ଡ ଅଞ୍ଚଳ ଅଧିନସ୍ଥ ବିଭିନ୍ନ ବନାଞ୍ଚଳରେ କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ବିଶ୍ୱରେ ଅବକ୍ଷୟାଭିମୁଖୀ ବିରଳ ବନ୍ୟପ୍ରାଣୀ ମଧ୍ୟରେ ରହିଛି କୃଷ୍ଣସାର ମୃଗ। ଏମାନଙ୍କର ସୁରକ୍ଷା, ସଂରକ୍ଷଣ ଏବଂ ବଂଶବୃଦ୍ଧି ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି କୃଷ୍ଣସାର ମୃଗ ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଗଞ୍ଜାମ ଜିଲ୍ଲାର ଦକ୍ଷିଣ ବନଖଣ୍ଡ ଅଞ୍ଚଳର ବୁଗୁଡ଼ା, ଆସିକା, ପୋଲସରା ଓ ବଡଗଡ କୃଷ୍ଣସାର ମୃଗ ମାନଙ୍କ ପ୍ରମୁଖ ବିଚରଣ ସ୍ଥଳ ର ମାନ୍ୟତା ପାଇଛି। ଏହି ୪ ଟି ସ୍ଥାନରେ ଆଜି ସକାଳ ପ୍ରାୟ ୬ ଘଣ୍ଟା ସମୟ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଗଞ୍ଜାମର ଗର୍ବ ଓ ଗୌରବର ପ୍ରତୀକ ହେଉଛି କୃଷ୍ଣସାର ମୃଗ, ଯାହାକୁ ନେଇ ରହିଛି ଗଞ୍ଜାମର ଏକ ସ୍ୱତନ୍ତ୍ର ପରିଚୟ। ଓଡ଼ିଶାର ଭୌଗୋଳିକ ମାନଚିତ୍ରରେ ସାରା ଗଞ୍ଜାମ ଜିଲ୍ଲାର ଗୁରୁ ରହିଛି ଏହି ବିରଳ ପ୍ରଜାତିର ମୃଗ ପାଇଁ। ପ୍ରତି ଦୁଇବର୍ଷ ବ୍ୟବଧାନରେ ଏହି କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କ୍ରମାଗତ ଭାବେ ଏହି ବିରଳ କୃଷ୍ଣସାର ମୃଗ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇବାର ଦେଖିବାକୁ ମିଳୁଛି ।ସେହି କ୍ରମରେ ଭଞ୍ଜନଗର ବନଖଣ୍ଡ ଅଧିନରେ ଥିବା ବୁଗୁଡ଼ା ବନାଞ୍ଚଳରେ ଆଜି କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଗଣନା କାର୍ଯ୍ୟକ୍ରମରେ ୨୮ ଟି ଟିମ୍ ରେ ମୋଟ ୭୮ ଜଣ ସଭ୍ୟ ଯୋଗଦାନ କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସଞ୍ଜୟ କୁମାର ସ୍ୱାଇଁ ଙ୍କ ଆହ୍ୱାନ ଏବଂ ଭଞ୍ଜନଗର ଦକ୍ଷିଣ ବନଖଣ୍ଡ ଅଧିକାରୀ ଶ୍ରୀ ବିନୋଦ ଆର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ଶ୍ରୀ ପ୍ରଦୀପ ବେହେରାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଗୁଡ଼ା ରେଞ୍ଜର ଶ୍ରୀ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଟିମ୍ ଲିଡର ରମାକାନ୍ତ ପଣ୍ଡା ଓ ପାରା ଫରେଷ୍ଟ କର୍ମୀ ରଶ୍ମି ରଞ୍ଜନ ପ୍ରଧାନଙ୍କ ସହଯୋଗ ରେ କୃଷ୍ଣସାର ମୃଗ ବିଚରଣ ସ୍ଥଳରେ ଗଣନା କାର୍ଯ୍ୟକ୍ରମ ସଂପାଦନ କରାଯାଇଥିଲା। ଏହି ଗଣନା ଅଭିଯାନ ରେ ଗଞ୍ଜାମ ଜିଲ୍ଲା ଇକୋକ୍ଲବ ସଭାପତି ଶ୍ରୀ ଶଙ୍କର ନାରାୟଣ ବେଜ୍, ଅବସରପ୍ରାପ୍ତ ରେଞ୍ଜର ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତ□ାବଧାରକ ଶ୍ରୀ ଅନୁପମ ବାନାର୍ଜୀ, ଅବୈତନିକ ବନ୍ୟପ୍ରାଣୀ ତ□ାବଧାରକ ଶ୍ରୀ ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରକୃତି ବନ୍ଧୁ ତଥା ବିଜ୍ଞାନ ଶିକ୍ଷକ ଦ୍ୱିତୀକୃଷ୍ଣ ଲେଙ୍କା, ପରିବେଶ ପ୍ରେମୀ ତଥା ପଳାଶପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାତ୍ର, ନେଟଙ୍ଗା ସବୁଜ ବାହିନୀର ସଭାପତି ପ୍ରକୃତି ପ୍ରେମୀ ସୁଧୀର କୁମାର ନାୟକ ଏବଂ ବୁଗୁଡ଼ା ବନାଞ୍ଚଳ ର ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଶ୍ରୀଲଙ୍କାକୁ ଭାରତର ତାଗିଦ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଡେଲଫ ଦ୍ୱୀପ ନିକଟରେ ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ରେ ୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି । ୫ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଶ୍ରୀଲଙ୍କା ହାଇ କମିଶନରଙ୍କୁ ସମନ କରିଛି ଭାରତ । ଡେଲଫ୍ଟ ଦ୍ୱୀପ ନିକଟରେ ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ବେଳେ ଶ୍ରୀଲଙ୍କା ନୌସେନା ଗୁଳି ଚଳାଇଥିବା ସୂଚନା ମିଳିଥିଲା । ଏଥିରେ ଥିବା ୧୩ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଥିବା



ବେଳେ ମତ୍ସ୍ୟଜୀବୀମାନେ ଜାଫନା ଟିଚିଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହାବ୍ୟତୀତ ଅନ୍ୟ ୩ ଜଣ ମତ୍ସ୍ୟଜୀବୀ ମଧ୍ୟ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ମଧ୍ୟ ଚିକିତ୍ସା କରାଯାଉଛି । ଭାରତୀୟ ଦୂତାବାସର ଅଧିକାରୀମାନେ ଡାକ୍ତରଖାନାରେ ଆହତ ମତ୍ସ୍ୟଜୀବୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି । ସେପଟେ କଲମ୍ବୋରେ ଥିବା ଭାରତୀୟ ହାଇକମିଶନ ମଧ୍ୟ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରଣାଳୟ ନିକଟରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।

# ଆଦାନୀ ଏଣ୍ଟରପ୍ରାଇଜେସକୁ ଝଟକା

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଆଦାନୀ ଗ୍ରୁପର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜସ୍ ଗୁରୁବାର ୩୦ ଜାନୁଆରୀରେ ଚଳୁ ଆର୍ଥିକ ବର୍ଷ ପାଇଁ ଡିସେମ୍ବରର ଫଳାଫଳ ଜାରି କରିଛି । ଡିସେମ୍ବର ୨୦୨୪ରେ ଶେଷ ତୃତୀୟ ତ୍ରୟମାସିକରେ କମ୍ପାନୀର ଲାଭ ପ୍ରାୟ ଶେଷ ହୋଇଯାଇଛି । ଆଦାନୀ ଏଣ୍ଟରପ୍ରାଇଜେସକୁ ଡିସେମ୍ବର ତ୍ରୟମାସିକରେ ୫୮ କୋଟି ନେଟ୍ ପ୍ରଫିଟ୍ ହୋଇଛି । ଗତ ବର୍ଷ ଏହି ତ୍ରୟମାସିକରେ କମ୍ପାନୀର ନେଟ୍ ପ୍ରଫିଟ୍ ୧,୮୮୮ କୋଟି ଥିଲା । ଅର୍ଥାତ ବାର୍ଷିକ ଆଧାରରେ କମ୍ପାନୀର ପ୍ରଫିଟରେ ୯୭% ହ୍ରାସ ଘଟିଛି ।ସେଭଳି ଡିସେମ୍ବର ତ୍ରୟମାସିକରେ କମ୍ପାନୀର ରେଭିନ୍ୟୁ ୯ ପ୍ରତିଶତ ହ୍ରାସ ପାଇ ୨୨,୮୪୮ କୋଟି ଟଙ୍କା ହୋଇଯାଇଛି। ଗତ ବର୍ଷ ଏହି ତ୍ରୟମାସିକରେ ଏହା ୨୫,୦୫୦ କୋଟି ଟଙ୍କା ଥିଲା ।କମ୍ପାନୀ ୩୮୦୭୧ କୋଟିର EBITDA ରେକର୍ଡ କରିଛି, ଯାହାକି ବାର୍ଷିକ ଆଧାରରେ ୫% କମ୍ । ଗତ ଆର୍ଥିକ ବର୍ଷର ଡିସେମ୍ବର ତ୍ରୟମାସିକରେ ଏହା ୩,୨୨୭ କୋଟି ଟଙ୍କା ଥିଲା । ତୃତୀୟ ତ୍ରୟମାସିକରେ ଅନ୍ୟ ଆୟ ବାର୍ଷିକ ଆଧାରରେ ୩୩% ବଢ଼ି ୬୫୨ କୋଟି ହୋଇଯାଇଛି । ଯାହାକି ଗତ ବର୍ଷର ସମାନ ଅବଧିରେ ୪୯୦ କୋଟି ଥିଲା । ଏହା ଭିତରେ ମୋଟ ଖର୍ଚ୍ଚରେ ପ୍ରତ୍ୟେକ ବର୍ଷ ୧% ମାମୁଲି ହ୍ରାସ ଘଟିଛି, ଯାହାକି ଅକ୍ଟୋବର-ଡିସେମ୍ବର ତ୍ରୟମାସିକରେ ୨୨,୯୨୫ କୋଟି ଟଙ୍କାରେ ଆସିଯାଇଛି, ସେଭଳି ଗତ ଆର୍ଥିକ ବର୍ଷରେ ଏହି ସମୟରେ ଏହା ୨୩,୧୮୦ କୋଟି ଥିଲା । ଆଦାନୀ ଏଣ୍ଟରପ୍ରାଇଜେସର ଷ୍ଟକ୍ ଆଜି ଗୁରୁବାର ୫% ହ୍ରାସ ପାଇ ନିଜର ନିମ୍ନ ସ୍ତର ୨୨୦୨ ରେ ଆସିଯାଇଛି । ଆଦାନୀ ଗ୍ରୁପର ସେୟାର ଗତ ୧ ବର୍ଷରେ ୨୫% ଓ ଜାନୁଆରୀ ୨୦୨୫ ରେ ଏପର୍ଯ୍ୟନ୍ତ ୧୨ %ରୁ ଅଧିକ ହ୍ରାସ ପାଇଛି । ସେଭଳି ଷ୍ଟକ୍ ଏବେ ଜୁନ୍ ୨୦୨୪ ରେ ନିଜର ୫୨ ସପ୍ତାହର ଉଚ୍ଚତମ ସ୍ତର ୩,୭୪୩.୦୦ ରୁ ୪୧% ଦୂର ରହିଛି । ଏହା ଭିତରେ ଏହା ନଭେମ୍ବର ୨୦୨୪ ରେ ରେକର୍ଡ କରିଥିବା ନିଜର ୫୨ ସପ୍ତାହର ନିମ୍ନତମ ସ୍ତର ୨,୦୩୦ ରୁ ୮.୫% ବଢ଼ି ଯାଇଛି ।

# ଆମେରିକାରୁ ଅସ୍ତ୍ରଶସ୍ତ୍ର କିଣିବାକୁ ଭାରତକୁ ଚାପ ପକାଉଛନ୍ତି ଟ୍ରମ୍ପ

**ୱାଶିଂଟନ୍,୩୦।୧(ଏଜେନ୍ସି):** ଆମେରିକାର ନୂତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାହୁଁଛନ୍ତି ଯେ, ଭାରତ ସର୍ବାଧିକ ସଂଖ୍ୟକ ଆମେରିକୀୟ ଅସ୍ତ୍ରଶସ୍ତ୍ର କିଣୁ । ଆମେରିକାର ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଚାପ ପକାଇଥିବା କୁହାଯାଉଛି । ବୈଦେଶିକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଭାରତ ସହିତ ଏହାର ବାଣିଜ୍ୟିକ ସମ୍ପର୍କକୁ ସନ୍ତୁଳିତ କରିବାକୁ କହିଛନ୍ତି । ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠିଛି ଯେ, ଡୋନାଲ୍ଡ ଟ୍ରମ୍ପ କାହିଁକି ଭାରତକୁ ବହୁ ସଂଖ୍ୟକ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ଚାହୁଁଛନ୍ତି ?ଏହି ପ୍ରଶ୍ନର ଉତ୍ତର ଜାଣିବାକୁ ହେଲେ ଆମେରିକାର ରାଷ୍ଟ୍ରପତିଙ୍କ ହୃଦୟରେ ଲୁଚି ରହିଥିବା ମନ୍ଦ ଉଦ୍ଦେଶ୍ୟକୁ ବୁଝିବାକୁ ପଡିବ । ବାସ୍ତବରେ, ଆମେରିକା ହେଉଛି ଭାରତର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟ ଭାଗିଦାରୀ, କିନ୍ତୁ ଆମେରିକା ସେହି ଅଳ୍ପ ଦେଶ ମଧ୍ୟରେ ଅଛି ଯେଉଁଥିରେ ଭାରତର ବାଣିଜ୍ୟ ଅଧିକ ପରିମାଣ ରହିଛି । ଅର୍ଥାତ ଭାରତ ଆମେରିକାରେ ଅଧିକ ସାମଗ୍ରୀ ବିକ୍ରି କରିଥାଏ ଏବଂ କମ୍ କିଣେ । କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଏହାକୁ ସନ୍ତୁଳନ କରିବାକୁ ଚାହୁଁଛନ୍ତି । ଡୋନାଲ୍ଡ ଟ୍ରମ୍ପ ଭାରତକୁ ଅସ୍ତ୍ର ବିକ୍ରୟ କରି ଆମେରିକାର ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାକୁ ଚାହୁଁଛନ୍ତି । ଗତ ଆର୍ଥିକ ବର୍ଷରେ ଭାରତ ଆମେରିକାରୁ ଯାହା କିଣିଛି ତା'ଠାରୁ ୩୫ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ବିକ୍ରି କରିଛି । ଏଥି ସହିତ, ଜୋ ବାଇଡେନ ପ୍ରଶାସନ ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟରେ ବ୍ୟାପକ ବୃଦ୍ଧି ଘଟିଥିଲା ଏବଂ ଅନେକ ରିପୋର୍ଟରେ ଏହା ମଧ୍ୟ କୁହାଯାଇଥିଲା ଯେ, ଚୀନ୍ ପଛକୁ ଆମେରିକା ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ହୋଇପାରିଛି । ସୋମବାର ବିଳମ୍ବିତ ରାତିରେ ଯେତେବେଳେ ନରେନ୍ଦ୍ର ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ ହୋଇଥିଲା ସେତେବେଳେ ଟ୍ରମ୍ପ ଏହି ପ୍ରସଙ୍ଗ ଉଠାଇଥିଲେ । ହ୍ୱାଇଟ ହାଉସ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଟ୍ରମ୍ପ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି, ଆମେରିକାରେ ନିର୍ମିତ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷା ଉପକରଣ କ୍ରୟକୁ ବୃଦ୍ଧି କରିବା ଉଚିତ୍ ଏବଂ ଦୁଇ ଦେଶ ମଧ୍ୟରେ ଉଚିତ ବାଣିଜ୍ୟିକ ସମ୍ପର୍କ ରହିବା ଜରୁରୀ । ନୂଆଦିଲ୍ଲୀରେ ସେଣ୍ଟର ଫର ପଲିସି ରିସର୍ଚ୍ଚର ବରିଷ୍ଠ ପରିଦର୍ଶକ ରାନୀ ମଲେନ ନ୍ୟୁଜ୍ ଏଜେନ୍ସି ରଏଟର୍ସକୁ କହିଛନ୍ତି ଯେ, ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ରହିବ । ତଥାପି କାରବାର ସମ୍ପର୍କରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଠାରୁ କିଛି ଆଶା ରହିଛି । ଭାରତ ବାଣିଜ୍ୟ ମନ୍ତ୍ରଣାଳୟର ସଦ୍ୟତମ ରିପୋର୍ଟ ଅନୁଯାୟୀ ଆମେରିକା ହେଉଛି ଭାରତର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟିକ ଭାଗିଦାରୀ । ତେବେ ଆମେରିକା ଚୀନ୍ ଠାରୁ ଟିକେ ପଛରେ ରହିଛି । ଜାନୁଆରୀରୁ ନଭେମ୍ବର ୨୦୨୪ଧରେ ଭାରତ ପକ୍ଷରୁ ଆମେରିକା ସହିତ ୩୫ବିଲିୟନ ଡଲାରର ବାଣିଜ୍ୟିକ ରେକର୍ଡ କରିଛି । ଏହା ବ୍ୟତୀତ ଡୋନାଲ୍ଡ ଟ୍ରମ୍ପ ମଧ୍ୟ ବ୍ରିକ୍ସ ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଯଦି ଡଲାର ବ୍ୟତୀତ ଅନ୍ୟ ଏକ ମୁଦ୍ରା ସୃଷ୍ଟି କରିବାକୁ କେଣସି ପ୍ରୟାସ କରାଯାଏ, ତେବେ ବ୍ରିକ୍ସ ଦେଶଗୁଡିକ ଉପରେ ଶୁଳ୍କ ଲାଗୁ ହେବ, ଯେଉଁଥିରେ ଭାରତ ମଧ୍ୟ ଅନ୍ତର୍ଭୁକ୍ତ ।

# ଆମେରିକାରେ ବେଆଇନ ପ୍ରବାସୀଙ୍କ ସହ ହେବ ଆତଙ୍କବାଦୀଙ୍କ ଭଳି ବ୍ୟବହାର !

**ନ୍ୟୁୟର୍କ,୩୦।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଆଣ୍ଟାନାମୋ ୱେ ଜେଲରେ ଡିଟେସନ୍ ସେଣ୍ଟର ବିସ୍ତାର କରିବା ନିର୍ଦ୍ଦେଶ ଦେଇଛନ୍ତି । ଏହି ସେଣ୍ଟରରେ ଆମେରିକାରୁ ଧରା ପଡିଥିବା ବେଆଇନ ପ୍ରବାସୀଙ୍କୁ ରଖାଯିବ । ଏହାର ସଂଖ୍ୟା ଏକ ଲକ୍ଷରୁ ଅଧିକ ହୋଇପାରେ। ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ସେହି ଲୋକଙ୍କ ଭିତରେ ଆତଙ୍କ ବଢି ଯାଇଛି, ଯାହାଙ୍କୁ ଭୟ ରହିଛି । ଆମେରିକାରେ ତାଙ୍କୁ ବେଆଇନ ପ୍ରବାସୀ ଘୋଷଣା କରାଯାଇପାରେ । ଆମେରିକାରେ ବ୍ରାଜିଲ, ମେକ୍ସିକୋ, ପାକିସ୍ତାନ ସହ ଦୁନିଆର ବହୁ ଦେଶରେ ବେଆଇନ ପ୍ରବାସୀ ରହିଛନ୍ତି । ଭାରତରେ ମଧ୍ୟ କିଛି ଲୋକଙ୍କ ଆଗରେ ବେଆଇନ ପ୍ରବାସୀ ଘୋଷିତ ହେବାର ବିପଦ ଦେଖିବାକୁ ମିଳିଛି । ଏବେ ଏହି ଲୋକଙ୍କୁ କୁଖ୍ୟାତ ଗୁଆଣ୍ଟାନାମୋ ଜେଲରେ ରଖାଯିବ । ଏହି ବିପଦଜନକ ଜେଲ୍ ପୁରା ଦୁନିଆରେ ଖୁବ୍ ଚର୍ଚ୍ଚିତ ରହିଛି, ଯାହାକୁ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ତିଆରି କରାଯାଇଥିଲା । ଏପର୍ଯ୍ୟନ୍ତ ଆମେରିକା ଆତଙ୍କବାଦ ମାମଲାରେ ଗିରଫ ହୋଇଥିବା ଲୋକଙ୍କୁ ରଖିଥାଏ । ଏବେ ଏହାକୁ ନେଇ ଚିନ୍ତା ପ୍ରକାଶ କରାଯାଇଛି ଯେ, ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ବଡ ଧରଣର ପରିବର୍ତ୍ତନ ହୋଇପାରେ । ଏହାଦ୍ୱାରା ମାନବାଧିକାରର ମଧ୍ୟ ହନନ ହେବ ।



ଏହି ମାମଲାରେ ସେଣ୍ଟର ଫର କନଷ୍ଟିଟ୍ୟୁସନାଲ ରାଇଟର ନିର୍ଦ୍ଦେଶକ ଭିନ୍ସ ଭରେନ୍ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, ଗୁଆଣ୍ଟାନାମୋ ୱେ ଜେଲରେ ପୁରା ଦୁନିଆରେ ବେଆଇନ ଶାସନ, ଉତ୍ପୀଡନ ଓ ବର୍ଣ୍ଣବୈଷମ୍ୟବାଦ ଚିହ୍ନଟ କରାଯାଇଛି । ସେଠାରେ ବେଆଇନ ପ୍ରବାସୀଙ୍କୁ ରଖିବା ବିପଦଜନକ ହେବ । ସେ କହିଛନ୍ତି, ଆମେରିକାର ରାଷ୍ଟ୍ରପତିଙ୍କ ଇତିହାସରେ ଏହା ଲଜ୍ଜାଜନକ ଘଟଣା । ଟ୍ରମ୍ପଙ୍କ ଏଭଳି ନିର୍ଦ୍ଦେଶ ସିଧା ସଳଖ ଭାବରେ ମାନବାଧିକାର ଉପରେ ଆକ୍ରମଣ । ଏହା ପୂର୍ବରୁ ଜର୍ଜ ବୁଶ୍ଙ୍କ ସରକାରରେ ମଧ୍ୟ ଡିଟେସନ୍ ସେଣ୍ଟରର ବ୍ୟବହାର କରାଯାଇଥିଲା । ଦାବି କରାଯାଉଛି ଯେ, ସେତେବେଳେ ପ୍ରାୟ ୮୦୦ ମୁସଲମାନଙ୍କୁ ସେଠାରେ ରଖାଯାଇଥିଲା । ଏହି ଲୋକଙ୍କୁ ଆତଙ୍କବାଦ ବିରୋଧି ଯୁଦ୍ଧ ନାମରେ ରଖାଯାଇଥିଲା । ଏହାଛଡା ହେତି ରିଫ୍ୟୁଜି ମଧ୍ୟ ଏଠାରେ ରଖାଯାଇଥିଲା । ଅଭିଯୋଗ ରହିଛି ଯେ, ଆମେରିକା ଜେଲରେ ମାନବାଧିକାର ହନନ କରିଥାଏ ଓ ଅନ୍ତର୍ଜାତୀୟ ଆଇନକୁ ଉଲଂଘନ କରି ସଜା ଦିଆଯାଇଥାଏ । ଉଲ୍ଲେଖନୀୟ ଯେ, ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ଖୁବ୍ ମଜବୁତ ଥିବା ଆତଙ୍କବାଦୀ ସଂଠନ ଇସଲାମିକ୍ ଷ୍ଟେଡ୍ ବଡ ପରିମାଣରେ ସିରିଆ ଓ ଇରାନରେ ବେଆଇନ-ମୁସଲମାନଙ୍କୁ ହତ୍ୟା କରିଥିଲା । ଇସଲାମିକ୍ ଷ୍ଟେଟ୍ ବହୁ ଆମେରିକୀୟ ସୈନିକଙ୍କୁ ମଧ୍ୟ ମାରିଥିଲା ।

# ପୁଣି ଶେଖ ହସିନାଙ୍କୁ ଫେରାଇ ଆଣିବାକୁ ଦାବି

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଆମେରିକାରେ ଟ୍ରମ୍ପ ସରକାର ଶାସନ ଭାର ଗ୍ରହଣ କରିବା ପରେ ଏବେ ବାଂଲାଦେଶରେ ହଠାତ ରାଜନୈତିକ ଓଲଟ ପାଲଟ ହେବା ଆରମ୍ଭ ହୋଇଛି । ଶେଖ ହସିନା ପୁଣି ବାଂଲାଦେଶ ଫେରିବାକୁ ଦାବି ହୋଇଛି । ଅନ୍ୟ ପକ୍ଷରେ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରକୁ କ୍ଷମତାରୁ ଓହରାଇବା ପାଇଁ ପ୍ରଦର୍ଶନ ଆରମ୍ଭ ହୋଇଛି । ବାଂଲାଦେଶରେ ହଠାତ ଏପରି ଦାବି କାହିଁକି ଉଠିବା ଆମ୍ଭ ହେଲା ? ଏବେ ଆସନ୍ତୁ ଏ ବାବଦରେ ଜାଣିବା । ପ୍ରକୃତରେ, ଏଭଳି ପରିସ୍ଥିତି ଏଥିପାଇଁ ସୃଷ୍ଟି ହୋଇଛି, ଯେତେବେଳେ କି କିଛି ଦିନ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାଂଲାଦେଶକୁ ଦିଆଯାଉଥିବା ସମସ୍ତ ସହାୟତା ବନ୍ଦ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଏହା ପରେ, ଅସ୍ଥିରତାର ସମ୍ଭାବନା ଅନୁଭବ କରି, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳ ଅନେକ ପ୍ରସଙ୍ଗରେ ମହମ୍ମଦ ୟୁନୁସଙ୍କୁ ପ୍ରତିବାଦ କରିବା ଆରମ୍ଭ କଲା । ଏବେ ହାସିନାଙ୍କ ଆୱାମୀ ଲିଗ୍ ଦଳ ମଧ୍ୟ ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଏହା ବାଂଲାଦେଶରେ ହଇଚଇ ସୃଷ୍ଟି କରିବା ଆରମ୍ଭ କରିଛି । ଆପଣଙ୍କୁ କହିରଖୁଛୁ ଯେ ବହିଷ୍କୃତ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଆୱାମୀ ଲିଗ୍ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ଇସ୍ତଫା ଦାବି କରିଛି ଏବଂ ଦେଶବ୍ୟାପୀ ପ୍ରତିବାଦର ଘୋଷଣା ମଧ୍ୟ କରିଛି । ଆଉ ଏହା ୟୁନୁସ ସରକାର ଭିତରେ ହଇଚଇ ସୃଷ୍ଟି କରିଛି । ତେବେ ଆୱାମୀ ଲିଗ୍ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ଉପରେ 'ଅତ୍ୟାଚାର' କରିବାର ଅଭିଯୋଗ ଆଣିଛି । ଗତ ବର୍ଷ ଅଗଷ୍ଟ ୫ ତାରିଖରେ ହସିନାଙ୍କ ନେତୃତ୍ୱାଧୀନ ସରକାରର ପତନ ପରଠାରୁ ଏହା ଆୱାମୀ ଲିଗର ପ୍ରଥମ ବଡ଼ ପ୍ରତିବାଦ, ଯାହାର ଅଧିକାଂଶ ନେତା ଗିରଫ ହୋଇଛନ୍ତି । ଆୱାମୀ ଲିଗର ଫେସବୁକ ପେଜରେ ପୋଷ୍ଟ ହୋଇଥିବା ଏକ ବିବୃତ୍ତି ଅନୁଯାୟୀ, ଦଳ ଫେବୃଆରୀ ୧ ରୁ ଅନ୍ତରୀଣ ସରକାରଙ୍କ ଇସ୍ତଫା ଦାବି କରିବା ଏବଂ ଧର୍ମଘଟ ଏବଂ ଅବରୋଧ କରିବା ପାଇଁ ରାସ୍ତାକୁ ଓହ୍ଲାଇବ ।

# ସେନାକୁ ଦିଆଯାଉ କୁମ୍ଭମେଳା ଦାୟିତ୍ୱ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** କୁମ୍ଭମେଳାରେ ଗତକାଲି ରାତିରେ ଘଟିଥିବା ଅଘଟଣକୁ ନେଇ ଯୋଗୀ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଉତ୍ତରପ୍ରଦେଶ ବିଧାନସଭାର ବିରୋଧୀ ଦଳ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସିଧାସଳଖ ଏହି ଘଟଣାକୁ ନେଇ ଯୋଗୀ ସରକାରଙ୍କୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି କି, କୁମ୍ଭମେଳା ଆୟୋଜନ କରି ଢେଙ୍ଗୁରା ପିଟୁଥିବା ଯୋଗୀ ସରକାର କିନ୍ତୁ ଅଧା ବ୍ୟବସ୍ଥା କରି ଶ୍ରଦ୍ଧାଳୁଙ୍କୁ ମରଣମୁହଁକୁ ଠେଲି ଦେଇଛି । ଏହାସହ କୁମ୍ଭମେଳା ଆୟୋଜନ କରିବା ଯୋଗୀ ସରକାରଙ୍କ କ୍ଷମତା ବାହାରେ, ଏବେ କୁମ୍ଭମେଳାର ଦାୟିତ୍ୱ ସେନା ହାତରେ ସମର୍ପି ଦେବାକୁ ସେ ଦାବି କରିଛନ୍ତି । କେବଳ ସମାଜବାଦୀ ପାର୍ଟି ନୁହେଁ , କଂଗ୍ରେସ ମଧ୍ୟ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହ ଯୋଗୀ ସରକାର ସହ ବିଜେପିକୁ କଟାକ୍ଷ କରିଛି । କଂଗ୍ରେସ ନେତା ସୁରିନ୍ଦର ରାଜପୁତ କହିଛନ୍ତି କି, ବ୍ୟବସ୍ଥାରେ ତ୍ରୁଟି ବା ପୂର୍ଣ୍ଣ ବ୍ୟବସ୍ଥା ହୋଇନଥିବାରୁ



ଏଭଳି ଘଟଣା ଘଟିଲା । ଏହାସହ ସେ ଶ୍ରଦ୍ଧାଳୁଙ୍କୁ ପ୍ରଶାସନର କଥା ମାନିବାକୁ ଅନୁରୋଧ କରିଛନ୍ତି। କେବଳ ସେତିକି ନୁହେଁ ଏହି ଘଟଣା ପାଇଁ ସେ ଶାସକ ଓ ପ୍ରଶାସକ ଉଭୟଙ୍କ ଦାୟୀ କରିବା ସହ କହିଛନ୍ତି କି, ସରକାର କେବଳ କୁମ୍ଭମେଳାର ଭିଡକୁ ଦେଖାଇ ପ୍ରଶଂସା ସାଉଣ୍ଟିବା କାମରେ ଲାଗିଛନ୍ତି । କଂଗ୍ରେସ ନେତା ତଥା ଉତ୍ତରପ୍ରଦେଶ ଅଧ୍ୟକ୍ଷ ଅଜୟ କୁମାର ଲଲ୍ଲୁ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଏହି ଦୁର୍ଘଟଣା ପାଇଁ ଯୋଗୀ ସରକାରଙ୍କ ଭିଭିଆଇପି ମୁଭମେଣ୍ଟକୁ ଦାୟୀ କରିଛନ୍ତି । ସେ କହିଛନ୍ତି କି, ଯୋଗୀ ସରକାର ଭିଭିଆଇପି ମୁଭମେଣ୍ଟ କରାଇବା ଚକ୍କରରେ ସାଧାରଣ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ଆଖିବୁଜିଦେବା କାରଣରୁ ଏଭଳି ଘଟଣା ଘଟିଛି । ବିରୋଧୀ ଦଳ ନେତା ତଥା ରାଏବରେଲୀ ସାଂସଦ ରାହୁଲ ଗାନ୍ଧୀ ମୃତକ ଓ ଆହତଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ ମଧ୍ୟ ସମାନ ଭାବେ ଏଭଳି ଘଟଣା ପାଇଁ ଯୋଗୀ ସରକାରଙ୍କ ଭିଭିଆଇପି ମୁଭମେଣ୍ଟକୁ ଦାୟୀ କରିଛନ୍ତି । ସେ କହିଛନ୍ତି କି, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବେଳେ ଭିଭିଆଇପି କଲଚର ବନ୍ଦ କରିବାର ଆବଶ୍ୟକତା ରହିଛି । ଏହାସହ ସେ ଦଳୀୟ କର୍ମୀଙ୍କୁ ପୀଡିତ ପରିବାରକୁ ସହାୟତା ଯୋଗାଇବାକୁ ଅନୁରୋଧ କରିଛନ୍ତି । ଏଭଳି ଦୁର୍ଘଟଣା ଘଟିବା ପରେ ଚେତିଛି ପ୍ରଶାସନ । ପ୍ରୟାଗରାଜକୁ କୁମ୍ଭସ୍ନାନ କରିବାକୁ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ଗାଡିକୁ ଫତେହପୁର ସୀମା ନିକଟରେ ଅଟକ ରଖାଯାଉଛି । ଶହ ଶହ ସଂଖ୍ୟାର ସେନା ଯବାନ ଓ ପୋଲିସ କର୍ମୀ ଫତେହପୁର ସୀମାରେ ଶ୍ରଦ୍ଧାଳୁଙ୍କୁ ଅଟକାଇବା କାମରେ ଲାଗିଛନ୍ତି ।

# ମହାକୁମ୍ଭରେ ଦଳାଚକଟା ଘଟଣାକୁ ନେଇ ବର୍ଷିଲେ ବିରୋଧୀ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ପ୍ରୟାଗରାଜ ମହାକୁମ୍ଭ ମେଳାରେ ବଡ ଅଘଟଣ ଘଟି ଯାଇଛି । ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ପାଇଁ ଭିଡ ଜମାଇଥିଲେ ଶ୍ରଦ୍ଧାଳୁ ।ଏହି ସମୟରେ ଦଳଚକଟା ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁସଂଖ୍ୟା ଆହୁରି ବଢିବା ଆଶଙ୍କା କରାଯାଉଛି । ଏହାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି । ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ । କୁମ୍ଭମେଳାରେ ଶ୍ରଦ୍ଧାଳୁଙ୍କୁ କମ୍ ଭିଆଇପିଙ୍କୁ ଧ୍ୟାନ ଦିଆଯାଉଥିବା କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ମହାକୁମ୍ଭ ଦଳାଚକଟା ଘଟଣାକୁ ନେଇ ଯୋଗୀ ସରକାରଙ୍କୁ ଟାର୍ଗେଟ କରି ରାହୁଲ ଗାନ୍ଧୀ କହିଛନ୍ତି, ଏହି ଘଟଣାକୁ ନେଇ ଦୁଃଖିତ । ମେଳାରେ ଶ୍ରଦ୍ଧାଳୁଙ୍କୁ କମ୍ ଭିଆଇପିମାନଙ୍କ ଉପରେ ପ୍ରଶାସନ ବିଶେଷ ଧ୍ୟାନ ଦେଉଥିଲା। ଫଳରେ ଏହି ଅଘଟଣ ଘଟିଛି ।ଏବେ ମହାକୁମ୍ଭର ବହୁତ ସମୟ ଅଛି । ଆଗକୁ ମହାସ୍ନାନ ହେବ । ଆଜି ଯେପରି ଅଘଟଣ ହେଲା ଆଗକୁ ଯେପରି ନ ହେଉ ସେ ଦିଗରେ ସରକାରଙ୍କୁ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେବ । ଭିଆଇପି କଲ୍ଚର ଉପରେ ଲଗାମ ଲଗାଇବାକୁ ହେବ । ସରକାରଙ୍କୁ ସାଧାରଣ ଜନତା ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଅଧିକ ଧ୍ୟାନ ଦେବାକୁ ହେବ । ସୁବ୍ୟବସ୍ଥା କରିବାକୁ ହେବ । ଅଘଟଣରେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ରାହୁଲ ଗାନ୍ଧୀ । ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।ପୀଡିତଙ୍କ ପରିବାରକୁ ସହାୟତା କରିବାକୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ କରିଛନ୍ତି । ସେହିପରି ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସପା ନେତା ଅଖିଳେଶ ଯାଦବ ମଧ୍ୟ ଘଟଣାକୁ ନେଇ ଯୋଗୀ ସରକାରଙ୍କ ଉପରେ ବର୍ଷିଛନ୍ତି । ପ୍ରଶାସନ ତ ଭିଆଇପିଙ୍କ ସୁରକ୍ଷାରେ ବ୍ୟସ୍ତ ଥିଲେ ଶ୍ରଦ୍ଧାଳୁଙ୍କ ଗୁରୁତ୍ୱ ଦିଆଯାଉନାହିଁ । ତେଣୁ ଏହି ଅଘଟଣ ଘଟିଛି । ସେହିପରି ମହାକୁମ୍ଭ ଦଳାଚକଟା ଘଟଣାକୁ ନେଇ ଶିବସେନା ସାଂସଦ ସଞ୍ଜୟ ରାଓ୍ୱତ କହିଛନ୍ତି, କୁମ୍ଭ ବିଶ୍ୱାସର ମେଳା । ଏଠାରେ କୋଟି କୋଟି ଲୋକଙ୍କ ସମାଗମ ହୋଇଛି । ସେଠାରେ ଶ୍ରଦ୍ଧାଳୁଙ୍କ ପାଇଁ କି ବ୍ୟବସ୍ଥା ହୋଇଛି । ବିଜେପି ସେମାନଙ୍କୁ ଡାକି ମାର୍କେଟିଂ କରୁଛି। ସେମାନଙ୍କୁ ଦେଖେଇବାକୁ ଚାହୁଁଛି ଯେ ଦେଖ ଆମେ କଣ କରିଛୁ । ସେଠାରେ ଶ୍ରଦ୍ଧାଳୁଙ୍କ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ । ମହିଳାମାନେ ରାସ୍ତାରେ ଶୋଉଛନ୍ତି । ଅଖିଳେଶ ଯାଦବଙ୍କ ସରକାର ସମୟରେ କୁମ୍ଭମେଳାରେ ସର୍ବୋତ୍ତମ ବ୍ୟବସ୍ଥା ହୋଇଥିଲା । କେବଳ ଭିଆଇପିଙ୍କୁ ଧ୍ୟାନ ଦିଆଯାଉଛି । ଏହି ଅଘଟଣ ପ୍ରଶାସନ ଦ୍ୱାରା କରାଯାଇଥିବା ହତ୍ୟା । ଯେଉଁଥିରେ ନିରୀହ ଜୀବନ ଚାଲିଯାଇଛି ।

# କଂଗ୍ରେସ ଘୋଷଣା କଲା ନିର୍ବାଚନୀ ଇସ୍ତାହାର

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ରାଜଧାନୀ ଦିଲ୍ଲୀରେ ଉତ୍ତେଜନା ମଧ୍ୟରେ କଂଗ୍ରେସ ନିଜର ଇସ୍ତାହାର ଜାରି କରିଛି । କଂଗ୍ରେସ ନିଜ ଇସ୍ତାହାରରେ ମହିଳା ଓ ଯୁବକଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଦେଇଛି । ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ ବୋଲି କଂଗ୍ରେସ କହିଛି । କଂଗ୍ରେସ ଇସ୍ତାହାରରେ ୱାକଫ୍ ବୋର୍ଡ ପାଇଁ ସବୁଠାରୁ ବଡ଼ ଘୋଷଣା କରାଯାଇଛି । କଂଗ୍ରେସ ଇସ୍ତାହାରରେ କୁହାଯାଇଛି ଯେ ସେମାନେ ଏକ ୱାକଫ୍ ବୋର୍ଡ ଗଠନ କରିବେ ଏବଂ ଇମାମମାନଙ୍କୁ ଠିକ୍ ସମୟରେ ଭତ୍ତା ଦେବେ । ସଂଖ୍ୟାଲଘୁଙ୍କ ଉପରେ ଗୁରୁତ୍ୱ ଦିଆଯିବ ବୋଲି କଂଗ୍ରେସ ନିଜ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି ।୧୦୦ ଟି ଇନ୍ଦିରା କ୍ୟାଣ୍ଟିନ ଖୋଲିବା ସହ ୫ ଟଙ୍କାରେ ଖାଦ୍ୟ ଯୋଗାଇବାକୁ କହିଛି କଂଗ୍ରେସ । କଂଗ୍ରେସ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ




ପ୍ରତିଶ୍ରୁତି ଦେଇଛି । ପ୍ରତି ମାସରେ ୫ କେଜି ଚାଉଳ, ୨ କେଜି ଚିନି, ୧ କେଜି ରୋଷେଇ ତେଲ, ୬ କେଜି ଡାଲି, ୨୫୦ ଗ୍ରାମ ଚା' ପତ୍ର ଓ ମାଗଣା ରାସନ କିଟ୍ ଦିଆଯିବ ବୋଲି ଦଳ କହିଛି । ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ । ଆମେ କର୍ଣ୍ଣାଟକରେ ଏହି ଯୋଜନା କାର୍ଯ୍ୟକାରୀ କରିଛୁ, ଦିଲ୍ଲୀରେ ମଧ୍ୟ କରିବୁ । ଦିଲ୍ଲୀର ସମସ୍ତ ବାସିନ୍ଦାଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ଏଥିରେ ମାଗଣା ଔଷଧ ଓ ପରୀକ୍ଷା ମଧ୍ୟ ରହିବ । ସରକାରୀ ହେଉ କି ବେସରକାରୀ ସମସ୍ତ ବେକାର ଯୁବକଯୁବତୀଙ୍କୁ କଂଗ୍ରେସ ଏକ ବର୍ଷର ଆପ୍ରେଣ୍ଟିସିପ୍ ପ୍ରଦାନ କରିବ ଏବଂ ଏହି ସମୟରେ ସେମାନଙ୍କୁ ମାସିକ ୮,୫୦୦ ଟଙ୍କା ମିଳିବ । କର୍ଣ୍ଣାଟକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି , ଦିଲ୍ଲୀରେ ମଧ୍ୟ ହେବ ବୋଲି କହିଛି କଂଗ୍ରେସ ।

# ସାମସଙ୍ଗ ବେସପୋକ ଏଆଇ ୱିଣ୍ଡଫ୍ରିଟିଏମ୍ ଏସି ସମ୍ଭାର

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଏହାର ୨୦୨୫ କ୍ରମାନ୍ୱୟକାରୀ ବେସପୋକ ଏଆଇ ୱିଣ୍ଡଫ୍ରିଟିଏମ୍ ଏୟାରକଣ୍ଡିସନ ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଏଆଇ ଜ୍ଞାନକୌଶଳର ଆଧୁନିକତମତାର ମିଶ୍ରଣ ସହିତ ପ୍ରିମିୟମ ଡ଼ିଜାଇନର ସମନ୍ୱୟ ଅଟେ। ଆକର୍ଷଣ ସହିତ ଏହା ଶକ୍ତି ସଂରକ୍ଷଣ, ନିରବଚ୍ଛିନ୍ନ ଯୋଗାଣକୁ ନେଇ ଭାରତୀୟ ଗ୍ରାହକମାନଙ୍କୁ ନୂତନ ସମ୍ଭାରର ୧୯ଟି ଆଧୁନିକ ମଡ଼େଲ ପ୍ରଦାନ କରିବା ସହିତ ସେମାନଙ୍କର ବହୁଦିନର ଦାବି ପୂରଣ କରିପାରିଛି। ଅତି ନିଖୁଣ ଭାବରେ ପ୍ରସ୍ତୁତ ଏହି ଆରାମଦାୟକତାର ଯାନ୍ତ୍ରିକିକୁ ପ୍ରଦାନ କରିବା ସହିତ ଏହା ଏକା ଧାରରେ ଅନେକଗୁଡ଼ିଏ ସୁବିଧା, ନବୀକରଣ ତଥା ଗୁରୁତ୍ୱପୂର୍ଣ୍ଣ ଭାବରେ ଭାରତରେ ଦେଖାଦେଉଥିବା ଗ୍ରୀଷ୍ମକାଳୀନ ଅସହ୍ୟ ଉତାପକୁ ପ୍ରତିହତ କରିବାର ମଧ୍ୟ ସମସ୍ତ ପ୍ରକାର ଆହ୍ୱାନକୁ ନିଜ ହାତକୁ ନେଇଛି। ଏହି ସମ୍ଭାର ଏଆଇ ପରିଚାଳିତ ନୂତନତ୍ୱର ନିୟନ୍ତ୍ରଣତାକୁ ନେଇ ତ୍ରୁଟିପୂର୍ଣ୍ଣ ଭାବରେ ବିଭିନ୍ନ ପାଣିପାଗର ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିରବଚ୍ଛିନ୍ନ ଆରାମଦାୟକ ଏବଂ ସର୍ବାଧିକ ଦକ୍ଷତା ଉପରେ ଦୃଷ୍ଟି ଦେଇଛି। ୱିଣ୍ଡଫ୍ରିଟିଏମ୍ ଶିତଳତା କୌଶଳ ପ୍ରତ୍ୟକ୍ଷ ଭାବରେ ଏଥିରେ କାର୍ଯ୍ୟ କରୁଥିବା ବେଳେ, ଏଥିରୁ ୨୩,୦୦୦ ମାଇକ୍ରୋ ହୋଲ୍ ଜରିଆରେ ଅତି ଧିର ଭାବରେ ବାୟୁ ଚଳାଚଳ କରୁଥିବା ବେଳେ, ଏଆଇ ତ୍ୱରିତ ଏବଂ ଆରାମଦାୟକ ଶିତଳିକରଣ ବିଶେଷତ୍ୱ ସ୍ଥିର ଆରାମଦାୟକତା ତଥା ଶକ୍ତି ଦକ୍ଷତା ପାଇଁ ଅତି ଚତୁରତାର ସହିତ ଆବଶ୍ୟକୀୟ ସ୍ଥାନ ପ୍ରଦାନ କରିଥାଏ। ମାନସିକ ସ୍ତରରେ ଏହା ଆଧୁନିକ ନିର୍ମାଣ ଶୈଳୀକୁ ଧ୍ୟାନରେ ରଖି ସ୍ମାର୍ଟ ଥିଙ୍ଗ ସଂଯୋଗକାରୀତାକୁ ଏକାଠି କରି, ସର୍ବାଧୁନିକ କିଛି ନୂତନ ବିଶେଷତ୍ୱ ଯେପରିକି ଦୂରରୁ ମନିଟର ପାଇଁ ମ୍ୟାପଭିୟୁ ତଥା ପରିଶ୍ରମକୁ ନିୟନ୍ତ୍ରଣ ପାଇଁ କ୍ୱିକ୍ ରିମୋଟ ବ୍ୟବସ୍ଥା କରିଅଛି। ଅତିରିକ୍ତ ଭାବରେ ଘରେ ରହି କାମ କରିବାର ଆଜିର ପିଢ଼ୀର ସମସ୍ତ ସୁବିଧାକୁ ଅଧିକ ଜୀବନ୍ତ କରିବା ପାଇଁ, ଏହି ବେସପୋକ ୱିଣ୍ଡଫ୍ରିଟିଏମ୍ର ସମସ୍ତ ଏସି ତ୍ରୁଟିଶୂନ୍ୟ ଭାବରେ ୱାଇଫାଇ ବ୍ୟବହାରକୁ ଅନୁମତି ପ୍ରଦାନପୂର୍ବକ ଏଥିରେ ମିଶିକରି ଥିବା ସବୁ ପ୍ରକାର ବ୍ୟବସ୍ଥା ସହିତ ଏହାକୁ ଚାଲୁ କରିବା ଏବଂ ବନ୍ଦ କରିବାର ଏକ ବିଶେଷତ୍ୱକୁ ନେଇ ବିକ୍ସବାଇ ଭୟସ ଆସିଷ୍ଟାଣ୍ଡ, ଆଲେକ୍ସା ତଥା ଗୁଗୁଲହୋମ ବ୍ୟବହାର କରିଛି। ଏଥିରେ ରହିଥିବା ଜିଓ ଫେନସିଙ୍ଗ ଆଧାରିତ ୱେଲକମ୍ କୁଲିଙ୍ଗ ବିଶେଷତ୍ୱକୁ ନେଇ ଆପଣମାନେ ସ୍ମାର୍ଟ ଏଆଇ ସ୍ୱୟଂଚାଳିତ ଶିତଳତା ଏବଂ ସ୍ୱୟଂଚାଳିତ ଭାବରେ ଘରକୁ ଶିତଳ କରିବାର କୌଶଳ ଅନୁଭବ କରିପାରିବେ। ନୂତନ "ଗୁଡ଼ ସ୍ଲିପ୍" ବ୍ୟବସ୍ଥାର କ୍ଷମତାକୁ ନେଇ ଏହି ଏସି ଗୁଡ଼ିକ ଶୟନ ସ୍ତରର ବିଭିନ୍ନ ଅବସ୍ଥାକୁ ନେଇ ଏହା ଏକ ମଧୁର ଶୟନର ଅଭିଜ୍ଞତା ରାତି ସାରା ପ୍ରଦାନ କରିବା ଭଳି ସକ୍ଷମତା ରଖିଛି। "ଆମେମାନେ ଘର ଶିତଳୀକରଣ ଅଭିକ୍ଷତାର ଏକ ପୁନଃ ସଂଜ୍ଞାକରଣକୁ ନେଇ ଅଧିକ ଉତ୍ସାହିତ ରହିଛୁ, ଯେତେବେଳେ କି ଆମେମାନେ ୨୦୨୫ ବେସପୋକ ଏଆଇ ୱିଣ୍ଡଫ୍ରିଟିଏମ୍ ସହିତ ଭାରତରେ ଗ୍ରୀଷ୍ମଋତୁର ପ୍ରଚଣ୍ଡ ଉତାପକୁ ସହ୍ୟ କରିବା ଭଳି ଏକ ଅଦ୍ୱିତୀୟ ଆହ୍ୱାନକୁ ସମ୍ମୁଖୀନ ହେବାକୁ ଯାଉଛୁ।

# ଆମେରିକା ସେନାରେ ତୃତୀୟଲିଙ୍ଗୀଙ୍କ ଭର୍ତ୍ତି ଉପରେ ଲାଗିପାରେ କଟକଣା

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଏଣିକି ଆମେରିକା ସେନାରେ ତୃତୀୟଲିଙ୍ଗୀ ବ୍ୟକ୍ତିଙ୍କ ଭର୍ତ୍ତି ଉପରେ ଲାଗିପାରେ କଟକଣା । ଏକ କାର୍ଯ୍ୟକାରୀ ଆଦେଶରେ ସ୍ୱାକ୍ଷର କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ଆଉ ଏହାର ସମୀକ୍ଷା କରିବେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍ସେଥ୍ ପେଣ୍ଟାଗନ୍ । ଏହାପରେ ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀ ସୈନିକଙ୍କୁ ଆମେରିକା ସେନାରେ ସାମିଲ କରାଯିବା ଉପରେ କଟକଣା ଲଗାଇବା ଲାଗି ନିଷ୍ପତ୍ତି ନେଇପାରନ୍ତି । ଏଥିସହ କରୋନା ମହାମାରୀ ବେଳେ ଟିକା ନେବାକୁ ମନା କରି ଚାକିରିରୁ ବରଖାସ୍ତ କରାଯାଇଥିବା ସୈନିକଙ୍କୁ ପୁନଃ ନିଯୁକ୍ତି ଦିଆଯାଇପାରେ। ତେବେ ୨୦୨୧ରେ କୋଭିଡ୍ ଟିକା ନେବାକୁ ମନାକରିବାରୁ ପ୍ରାୟ ୮,୨୦୦ ସୈନ୍ୟଙ୍କୁ ବିଦା କରିଦିଆଯାଇଥିଲା । ଟ୍ରମ୍ପ୍ ନିଜ ଆଦେଶରେ କହିଛନ୍ତି, ତୃତୀୟଲିଙ୍ଗୀ ଭାବେ ପରିଚିତ ହେଉଥିବା ସୈନ୍ୟଙ୍କ ସେବା ଜଣେ ସୈନିକଙ୍କ ସମ୍ମାନଜନକ, ସତ୍ୟନିଷ୍ଠ ଏବଂ ଅନୁଶାସନପୂର୍ଣ୍ଣ ଜୀବନଶୈଳୀ ପ୍ରତି ପ୍ରତିବଦ୍ଧତା ସହ ଦ୍ୱନ୍ଦ୍ୱ ସୃଷ୍ଟି କରେ । ଏଥିସହ ବ୍ୟକ୍ତିଗତ ଜୀବନ ଏବଂ ଅନ୍ୟ ସୈନ୍ୟଙ୍କ ପ୍ରସ୍ତୁତି ଦୃଷ୍ଟିରୁ ବି ହାନିକାରକ ହୋଇଥାଏ । ତେଣୁ ଏ ସମ୍ବନ୍ଧରେ ନୀତି ପ୍ରସ୍ତୁତ କରାଯିବା ଜରୁରି । ଏହା ବାଦ୍ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ନିଜ ପ୍ରଥମ କାର୍ଯ୍ୟକାଳରେ ଆମେରିକା ସ୍ପେସ୍ କମାଣ୍ଡ ଏବଂ ୟୁଏସ୍ ସ୍ପେସ୍ ଫୋର୍ସ ସ୍ଥାପନ କରିଥିଲେ । ଏବେ ଟ୍ରମ୍ପ୍ ମହାକାଶରେ ମିସାଇଲ ଡିଫେନ୍ସ ସିଷ୍ଟମ ସ୍ଥାପନ କରିବା ଦିଗରେ କାମ କରିବା ଲାଗି ପେଣ୍ଟାଗନକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେରିକା ଅଭିଯୋଗ କରୁଛି ଯେ ଚୀନ୍, ରୁଷ୍ ଏବଂ ଅନ୍ୟ ଦେଶ ମହାକାଶରେ ହତିଆରକରଣକୁ ପ୍ରୋତ୍ସାହିତ କରୁଛନ୍ତି । ତେଣୁ ଆମେରିକା ଏ ଦିଗରେ କାମ କରି ମହାକାଶରେ ଏକ ମିସାଇଲ ଡିଫେନ୍ସ ସିଷ୍ଟମ ବିକଶିତ କରିବ ।

# ଆଇସିସିକୁ ପାକିସ୍ତାନର ଷ୍ଟାଡିୟମ ଚିନ୍ତା



ନୂଆଦିଲ୍ଲୀ,୩୦।୧ : ପାକିସ୍ତାନର କରାଚିରେ ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଛି । ଏହାର ଅର୍ଥ ଚାମ୍ପିୟନ୍ସ ଟ୍ରଫି ଆରମ୍ଭକୁ ଆଉ ମାତ୍ର କିଛି ଦିନ ବାକି ରହିଛି ହାଇବ୍ରିଡ ମଡେଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତାର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ କିନ୍ତୁ ଏସବୁ ଭିତରେ ଚାମ୍ପିୟନ୍ସ ଟ୍ରଫିକୁ ନେଇ ଆଇସିସିର ଚିନ୍ତା ବଢ଼ିଛି ।

ପାକିସ୍ତାନର ଲାହୋର, କରାଚି ଓ ରାଲପିଣ୍ଡିରେ ମ୍ୟାଚ୍ ଖେଳଯିବାକୁ ଥିବା ବେଳେ ସେଠାରେ ଷ୍ଟାଡିୟମ ଗୁଡ଼ିକର ନିର୍ମାଣ କାମ ଅଧାପନ୍ତରା ହୋଇପଡ଼ି ରହିଛି । ଏପରି ସ୍ଥିତିରେ ଧାର୍ଯ୍ୟ ସମୟ ପୂର୍ବରୁ କାମ ସରିବା ଏକ ପ୍ରକାରର ଅସମ୍ଭବ ମନେ ହେଉଛି । ଭାରତ ଚାମ୍ପିୟନ୍ସ ଟ୍ରଫିରେ ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବ କିନ୍ତୁ ବାକି ଦଳ ଗୁଡ଼ିକ ସେମାନଙ୍କ ବେସ୍ କ୍ୟାମ୍ପ ପାକିସ୍ତାନରେ ହିଁ କରିବେ

ହେଲେ ପାକିସ୍ତାନରେ ଚାଲିଥିବା ଷ୍ଟାଡିୟମ ନିର୍ମାଣକୁ ନେଇ ଆସିଥିବା ଚିତ୍ର ଆଦୌ ସନ୍ତୋଷଜନକ ନୁହେଁ ରିପୋର୍ଟରେ ଦାବି କରାଯାଇଛି ଯେ ଆଇସିସି ଧାର୍ଯ୍ୟ କରିଥିବା ସମୟ ପୂର୍ବରୁ ଷ୍ଟାଡିୟମର ର୍ନିମାଣ କାମ ସରିବା ଏକ ପ୍ରକାରର ଅସମ୍ଭବ ଚାମ୍ପିୟନ୍ସ ଟ୍ରଫିର ହୋଷ୍ଟି ଦାୟିତ୍ୱ ପାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସିକୁ କଥା ଦେଇଥିଲା ଯେ ଦେଶର ଷ୍ଟାଡିୟମ ଗୁଡ଼ିକର ନବୀକରଣ କାମ ଜାନୁଆରୀ ୩୧ ସୁଦ୍ଧା ଶେଷ କରିଦେବ କିନ୍ତୁ ଏବେ ଲାଗୁଛି ଯେ ଏହା ସମ୍ଭବ ନୁହେଁ ।

ପାକିସ୍ତାନ ମଧ୍ୟ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲ୍ୟାଣ୍ଡକୁ ନେଇ ତ୍ରିପାକ୍ଷିକ ଦିନିକିଆ । ସିରିଜ ଖେଳିବ ଫେବୃଆରୀ ୮ରୁ ଏହି ସିରିଜ ଆରମ୍ଭ ହେବାର ଅଛି କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ଷ୍ଟାଡିୟମର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ପାକିସ୍ତାନ ମିଡିଆରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଚାମ୍ପିୟନ୍ସ ଟ୍ରଫି ଡେଡଲାଇନ ମଧ୍ୟରେ ଷ୍ଟାଡିୟମଗୁଡ଼ିକ ନବୀକରଣ କାମ ସାରିବା ଏକପ୍ରକାରର ଅସମ୍ଭବ କିନ୍ତୁ ର୍ନିମାଣ କାମ ଦାୟିତ୍ୱରେ ଥିବା ଅଧିକାରୀମାନେ ଟାର୍ଗେଟ ପୂରଣ ନେଇ ବେଶ ଆଶାବାଦୀ ।

ଷ୍ଟାଡିୟମ ର୍ନିମାଣକୁ ନେଇ ଆସିଥିବା ଫଟୋ ଓ ଭିଡିଓ ପାକିସ୍ତାନ କ୍ରିକେଟ ବୋର୍ଡର ସବୁ ମିଛର ପର୍ଦ୍ଦାଫାସ କରି ଦେଇଛି ଚାମ୍ପିୟନ୍ସ ଟ୍ରଫି ବେଳେ ବିଭିନ୍ନ ଦଳକୁ ବିଶ୍ୱସ୍ତରୀୟ ଅଭିଜ୍ଞତା ମିଳିବ ବୋଲି ପାକିସ୍ତାନ ପିଟୁଥିବା ଡିଙ୍ଗୁରାର ସତ ଧରାପଡ଼ି ଯାଇଛି କାରଣ ଠିକଣା ସମୟରେ ଖେଳାଳିଙ୍କ ପାଇଁ କେବଳ ମୌଳିକ ବ୍ୟବସ୍ଥା କରିବା ବି ଏବେ ପାକିସ୍ତାନ କ୍ରିକେଟ ବୋର୍ଡ ପାଇଁ କାଠିକର ପାଠ ସାଜିଛି ।

ଷ୍ଟାଡିୟମଗୁଡ଼ିକ ଏମିତି ସ୍ଥିତିରେ ରହିଛି ଯେଉଁଠାରେ କଷ୍ଟମଷ୍ଟେ ମ୍ୟାଚ୍ ଆୟୋଜନ ହୋଇପାରିବ କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ତ୍ରିପାକ୍ଷିକ ସିରିଜ ଓ ଚାମ୍ପିୟନ୍ସ ଟ୍ରଫିରେ ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରିବେ ବୋଲି ଯେଉଁ ଡିଙ୍ଗୁରା ପିଟୁଥିଲେ, ତାହା ସମ୍ଭବ ନୁହେଁ ଆସନ୍ତାକାଲି ଅର୍ଥାତ ଜାନୁଆରୀ ୩୧ରେ ଡେଡଲାଇନ ସରିବ ଏପରି ସ୍ଥିତିରେ ପାକିସ୍ତାନ ତାର କଥା ରଖି ପାରୁଛି କି ନାହିଁ, ତାକୁ ଦେଖିବାର ଅଛି ।

ଅନ୍ୟପକ୍ଷରେ ପିସିବିର ପ୍ରକଳ୍ପ ନିର୍ଦ୍ଦେଶକ ବିଲାଲ ଚୌହାନ କହିଛନ୍ତି, ସବୁ କିଛି ନିୟନ୍ତ୍ରଣ ମଧ୍ୟରେଅ । ରହିଛି ଷ୍ଟାଡିମୟ ୩୧ ତାରିଖ ସୁଦ୍ଧା ପ୍ରସ୍ତୁତ ହୋଇଯିବ । ଯେତେବେଳେ ପିସିବି ଅଧ୍ୟକ୍ଷ ଆମକୁ ନିଜର ଲକ୍ଷ୍ୟ କହିଥିଲେ ସେତେବେଳେ ଆମେ ଭାବିଥିଲୁ ଯେ ଧାର୍ଯ୍ୟ ସମୟରେ କାମ ସାରିବା ଅସମ୍ଭବ କିନ୍ତୁ ଏବେ ଆମକୁ ଲାଗୁଛି ଯେ ଆମେ ଏହାକୁ କରିପାରିବୁ । ଆଇସିସିର ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓ ଅତ୍ୟନ୍ତ ନୈରାଶ୍ୟଜନକ ୩ଟି ଯାକ ଷ୍ଟାଡିୟମ ପ୍ରସ୍ତୁତ ହେବା ଠାରୁ ବହୁତ ଦୂରରେ ରହିଛି ଷ୍ଟାଡିୟମଗୁଡ଼ିକର ମରାମତି କରାଯାଉନି ବରଂ ନୂଆ । କରି ତିଆରି କରାଯାଉଛି । ଷ୍ଟାଡିୟମ କାମ ଅନେକ ବାକି ରହିଛି କାମ ଶେଷ ହେବା ପରେ ଆଇସିସି ପୁଣି ସବୁ କିଛି ଯାଞ୍ଚ କରିବ । ଏହାପରେ ସେଠାରେ ମ୍ୟାଚ୍ ଖେଳାଯିବ କି ନାହିଁ, ତାର ନିଷ୍ପତ୍ତି ହେବ ସାଧାରଣତଃ ଆଇସିସି ଇଭେଣ୍ଟ ଆୟୋଜନ ହେଉଥିବା ଷ୍ଟାଡିୟମର କାମ ବହୁତ ପୂର୍ବରୁ ଶେଷ ହୋଇଥାଏ । ଏହାଦ୍ୱାରା ଆଇସିସିକୁ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ସେଠାରେ ଥିବା ବ୍ୟବସ୍ଥାକୁ ଯାଞ୍ଚ ପାଇଁ ସମୟ ମିଳିଥାଏ ହେଲେ ପାକିସ୍ତାନ କ୍ଷେତ୍ରରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି ।

# ରଣଜୀ ମ୍ୟାଚ୍‌ରେ କୋହଲି କ୍ରେଜ୍






ନୂଆଦିଲ୍ଲୀ,୩୦।୧ : ଭାରତରେ କ୍ରିକେଟ ଏକ ପର୍ବ ବୋଲି କୁହାଯାଏ ,କାରଣ ପାନ ଦୋକାନରୁ ଅଫିସ ଯାଏ ସବୁଠି ପଡେ କ୍ରିକେଟର କଥା କ୍ରିକେଟ ଅନେକ ଲୋକଙ୍କୁ ଖୁସି ଦେଇଥାଏ ,ମ୍ୟାଚ ପାଇଁ ଅନେକ ଲୋକ କାମ ମଧ୍ୟ ବନ୍ଦ କରିଦେଇଥାନ୍ତି ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଯେତେବେଳେ ରଣଜୀ ମ୍ୟାଚ ଖେଳିବାକୁ ରାଜି ହୋଇଥିଲେ ଫ୍ୟାନ୍ସ ମାନେ ଖୁସି ଜାହିର କରିଥିଲେ ,ଆଜି ଦିଲ୍ଲୀରେ ଖେଳାଯାଉଥିଲା ଦିଲ୍ଲୀ ବନାମ ରେଲୱେ ମଧ୍ୟରେ ରଣଜୀ ମୁକାବିଲା ,ମ୍ୟାଚ ପାଇଁ ଯେତିକି କ୍ରେଜ ନାହିଁ ବିରାଟ କୋହଲିଙ୍କୁ ଦେଖିବାକୁ ଦର୍ଶକଙ୍କ ଭିଡ ଲାଗିଥିଲା । ଭୋର ୫ଟାରୁ ଦର୍ଶକ ଷ୍ଟାଡିୟମରେ ପଂହଚି ଯାଇଥିଲେ ଆଉ ଲାଗିଥିଲା ୨କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଲାଇନ । ମ୍ୟାଚରେ ଦିଲ୍ଲୀ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଛି । ଆଉ ବ୍ୟାଟିଂ କରୁଛି ରେଲୱେ । ଦଳ କୋହଲିଙ୍କ କ୍ରେଜ ଏତେ ବଢି ଯାଇଛି ଯେ ଷ୍ଟାଡିୟମ ବାହାରେ ଠେଲାପେଲା ପରିସ୍ଥିତି ଦେଖାଯାଇଛି । ଯେଉଁଥିରେ କିଛି ଫ୍ୟାନ ଆହତ ହୋଇଛନ୍ତି । ପରିସ୍ଥିତି ଏତେ ବିଗିଡି ଯାଇଛି ଯେ ଗାଡି ଭଙ୍ଗାରୁଜା ମଧ୍ୟ ହୋଇଛି ,ଏହି ଘଟଣାରେ ୩ ଜଣ ପ୍ରଶଂସକ ଆହତ ହୋଇଛନ୍ତି । ଭିଡକୁ ନିୟନ୍ତ୍ରଣ କରିବା ସମୟରେ ପୋଲିସକର୍ମୀ ବି ଆହତ ହୋଇଛନ୍ତି ।

ସେପଟେ ମ୍ୟାଚ ଚାଲୁଥିଲା କୋହଲି ଫିଲଡିଂ କରୁଥିବା ସମୟରେ ହଠାତ ଜଣେ ଫ୍ୟାନ୍ ପଡିଆରେ ପ୍ରବେଶ କରି କୋହଲିଙ୍କୁ ମୁଣ୍ଡିଆ । ମାରିଥିଲେ ।ଅନ୍ୟପଟେ ଏହି ମ୍ୟାଚରେ ଲାଇଭ ଷ୍ଟ୍ରିମିଂ କରିଥିଲା ଜିଓ ସିନେମା ,ଏହା କେବଳ ସମ୍ଭବ କୋହଲିଙ୍କ ପାଇଁ ,କୋହଲି ମ୍ୟାଚ ଖେଳୁଛନ୍ତି ଅର୍ଥାତ ଷ୍ଟାଡିୟମରେ ଥିବା ଦର୍ଶକ ଏବଂ ଟିଭି ଦର୍ଶକ ମାନଙ୍କ ସଂଖ୍ୟା ବଢିବ ନିଶ୍ଚିତ ସେଥିପାଇଁ ଜିଓ ଏହି ମ୍ୟାଚକୁ ଲାଇଭ ପ୍ରସାରଣ କରିଥିଲା । ଆଜି ଦର୍ଶକ କୋହଲିଙ୍କ ଖେଳ ଦେଖିବାକୁ ପାଇନଥିଲେ କାଲି କୋହଲି ବ୍ୟାଟିଂ କରିବେ ଏବଂ ପୁଣି ଥରେ କାଲି ଗ୍ୟାଲେରି ଫୁଲ ରହିବ ।

# ଓଡ଼ିଶାରେ ସେଲିବ୍ରିଟି କ୍ରିକେଟ୍ ଲିଗ୍

ଭୁବନେଶ୍ୱର,୩୦।୧: ବର୍ଷର ସବୁଠାରୁ ପ୍ରତୀକ୍ଷିତ ସେଲିବ୍ରିଟି କ୍ରିକେଟ୍ ଇଭେଣ୍ଟ ପାଇଁ ପ୍ରସ୍ତୁତ ହୁଅନ୍ତୁ ! ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍) ଫେବୃଆରୀ ୧୬, ୨୦୨୫ରେ ଓଡ଼ିଶାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ସେଲିବ୍ରିଟି କ୍ରିକେଟ୍ ଲିଗରେ ୧୦୦ରୁ ଅଧିକ ବଲିଉଡ୍ ଏବଂ ଭାରତୀୟ ସେଲିବ୍ରିଟି ସାମିଲ ହେବେ, ଯେଉଁଥିରେ ଅର୍ଜୁନ କପୁର, ଆଫତାବ ଶିବଦାସାନୀ, ରିତେଶ ଦେଶମୁଖ, ଜାହ୍ନବୀ କପୁର, ସୋନୁ ସୁଦ ଏବଂ ବୋନି କପୁରଙ୍କ ସମେତ ଅନେକ ବ୍ୟକ୍ତି ସାମିଲ ହେବେ ।ଚାରୋଟି ଦଳ - ମୁମ୍ବାଇ ହିରୋଜ୍, ବେଙ୍ଗଲ୍ ଟାଇଗର୍ସ, ପଞ୍ଜାବ ଦି ଶେର୍ ଏବଂ ଭୋଜପୁରୀ ଦବଙ୍ଗସ୍ - କ୍ରିକେଟ୍ ପଡ଼ିଆରେ ଲଢ଼ିବେ, ଯାହା କ୍ରୀଡାପ୍ରେମ ଏବଂ ମନୋରଞ୍ଜନର ଏକ ରୋମାଞ୍ଚକର ପ୍ରଦର୍ଶନର ପ୍ରତିଶ୍ରୁତି ଦେବ ।

ଓଡ଼ିଶା ଦର୍ଶକଙ୍କ ପାଇଁ ଏକ ବିଶେଷ ଉପହାର ଭାବରେ, ସିସିଏଲ୍ ମ୍ୟାଚ୍ ପୂର୍ବରୁ ଓଡ଼ିଶା ରଣଜୀ କ୍ରିକେଟର୍ସ ଏବଂ ଓଡ଼ିଆ ଫିଲ୍ମ ଅଭିନେତାଙ୍କ ମଧ୍ୟରେ ଏକ ସେଲିବ୍ରିଟି ମ୍ୟାଚ୍ ଖେଳାଯିବ । ଏହି ସିସିଏଲ୍ ମୁଖ୍ୟ ପରାମର୍ଶଦାତା ଗୋଲକ ମହାପାତ୍ର ଏବଂ ମୁଖ୍ୟ ସଂଯୋଜକ ରୋଟାରୀଆନ ଅଜୟ ଅଗ୍ରାଲ ଏବଂ ଡକ୍ଟର ସ୍ୱୟବ୍ରତ ମିନକେତନଙ୍କ ନେତୃ ଓ ମାର୍ଗଦର୍ଶନ ରେ ଏକ କୋର୍ କମିଟି ଗଠନ ହୋଇଛି ।

କୋର୍ କମିଟିର ସଂଯୋଜକ ଭାବେ ବାସୁଦେବ ଭଞ୍ଜ ଥିବା ବେଳେ ରୋଟାରୀଆନ ସ୍ୱୟଜିତ ଶତପଥୀ, ରୋଟାରୀଆନ ସ୍ମୃତି ରଞ୍ଜନ ବିଶ୍ୱାଲ, ରାଜେନ୍ଦ୍ର ପଣ୍ଡା, ରଶ୍ମି ରଞ୍ଜନ କାନୁନଗୋ, ଦୁର୍ଗା ସାମନ୍ତରାୟ, ଡକ୍ଟର ଅକ୍ଷୟ କୁମାର ପଟ୍ଟନାୟକ, ଡକ୍ଟର ସତ୍ୟଜିତ ଦାଶ, ରୋଟାରୀଆନ ପୁଣ୍ୟଶ୍ଲୋକ ମହାନ୍ତି, ଆଦ୍ୟପ୍ରାଣ ସୁବୁଦ୍ଧି, ଆଦିତ୍ୟ ଦାସ କମିଟି ରେ ଥିବା ଜଣା ପଡିଛି ।

ଆମେ ପୁଣି ଥରେ ସିସିଏଲ୍ କୁ ଓଡ଼ିଶାକୁ ଆଣିବାକୁ ବହୁତ ଉତ୍ସାହିତ, ଏହା ବଲିଉଡ୍ ଏବଂ ଅନ୍ୟାନ୍ୟ ରାଜ୍ୟର ଚଳଚ୍ଚିତ୍ର ର୍ନିମାତାମାନଙ୍କୁ ଚଳଚ୍ଚିତ୍ର ସୁଟିଂ ପାଇଁ ଓଡ଼ିଶାକୁ ଆକର୍ଷିତ କରିବ । ଏହା ଆମ ଓଡ଼ିଶାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ସିସିଏଲ୍ ଓଡ଼ିଶାର ସଂଯୋଜକ ବାସୁଦେବ ଭଞ୍ଜ କହିଛନ୍ତି ଏହି କାର୍ଯ୍ୟକ୍ରମ କ୍ରିକେଟ୍ ପ୍ରଶଂସକ ଏବଂ ସେଲିବ୍ରିଟି ଉତ୍ସାହୀମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହେବାର ପ୍ରତିଶ୍ରୁତି ଦେଉଛି ସିସିଏଲ ।

# କେ.ଟି ଗ୍ଲୋବାଲ କ୍ଲବ୍ ବିଜୟୀ



ଖୋର୍ଦ୍ଧା:୩୦/୦୧/୨୫: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ । ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଅଷ୍ଟମ ଦିବସ ଖେଳରେ କେ ଟି ଗ୍ଲୋବାଲ କ୍ରିକେଟ ଦଳ ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍, ଗୁରୁଜଙ୍ଗ କୁ ୩ୱିକେଟ୍ ରେ ପରାସ୍ତ କରିଛି ଟସ୍ ରେ ବିଜୟ ହୋଇ ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୧୨ ରନ କରିଥିଲେଦଳ ପକ୍ଷରୁ ସାର୍ଥକ ପାଣିଗ୍ରାହୀ ୩୩ ରନ୍ ଓ ବିସ୍ମୟ ସାହୁ ୨୯ ରନ୍ କରିଥିଲେ କେ ଟି ଗ୍ଲୋବାଲ ଦଳ ତରଫରୁ ରୋହିତ ଚୌଧୁରୀ ଓ କ୍ରିଷ୍ଣକାନ୍ତ ମହାରଣା ୩ ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ଇଗଲ ଦଳ ଦଳ ୨୫ ଓଭର ରେ ୭ ଟି ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲେ ସ୍ୱର୍ଣ୍ଣାଭ ଦାସ ୭୪ ଟି ବଲ ରୁ ୧୩ ଟି ଚଉକା ସହ ୬୮ ରନ୍ ସଂଗ୍ରହ କରିଥିଲେ । ଗୁରୁଜଙ୍ଗ ଦଳ ତରଫରୁ ଆଶୁତୋଷ ସିଂ ୪ ଟିକେଟ ନେଇଥିଲେଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ । ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରାୟ ଏବଂ ସୁଧୀର ସାହୁ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ ।୩୧/୦୧/୨୫ ରେ ରାଇଯିଙ୍ଗ ଷ୍ଟାର କ୍ଲବ୍ ବନାମ ଇଗଲ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

# ଫିଟ୍ ହେଲେ କୁଲଦୀପ

ନୂଆଦିଲ୍ଲୀ,୩୦।୧ : ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ବହୁତ ଦିନ ଧରି ଟିମ ଇଣ୍ଡିଆରୁ ବାଦ୍ ପଡ଼ିଛନ୍ତି । କିନ୍ତୁ ଏବେ ଖୁବ ଶୀଘ୍ର ଏହି ତାଙ୍କୁ ଟିମ ଇଣ୍ଡିଆର ଜର୍ସିରେ ଦେଖିବାକୁ ମିଳିବ । କୁଲଦୀପ ଫିଟନେସ ପରୀକ୍ଷାରେ ପାସ କରିଛନ୍ତି ପୂର୍ବରୁ, ଜାନୁଆରୀ ୨୬ ତାରିଖରେ ଜାତୀୟ କ୍ରିକେଟ ଏକାଡେମୀରେ କୁଲଦୀପଙ୍କ ଫିଟନେସ ପରୀକ୍ଷା କରାଯାଇଥିଲା । କୁଲଦୀପଙ୍କୁ ଉତ୍ତର ପ୍ରଦେଶ ପାଇଁ ରଣଜୀ ଟ୍ରଫିର ଶେଷ ରାଉଣ୍ଡରେ ଦେଖିବାକୁ ମିଳିପାରେ । ଆଜିଠାରୁ ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ମଧ୍ୟରେ ମ୍ୟାଚ ଖେଳାଯିବ । ଉଭୟ ଦଳ ଇନ୍ଦୋରର ହୋଲକର ଷ୍ଟାଡିୟମରେ ପରସ୍ପରକୁ ମୁହାଁମୁହିଁ ହେବେ । ଇତିମଧ୍ୟରେ, ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । କୁଲଦୀପଙ୍କ ଫିଟନେସ ସମସ୍ୟା ସତ୍ତ୍ୱେ, ତାଙ୍କୁ ଦଳରେ ସାମିଲ କରାଯାଇଥିଲା । ତଥାପି, ଏବେ ଭାରତୀୟ ଦଳ ପାଇଁ ଭଲ ଖବର ଆସୁଛି ଏହା ବ୍ୟତୀତ ଇଂଲଣ୍ଡ ଦିନିକିଆ ସିରିଜ ପୂର୍ବରୁ ଟିମ ଇଣ୍ଡିଆ । ପାଇଁ ଏକ ଆଶ୍ୱସ୍ତି ଖବର ଅଛି । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ । ମ୍ୟାଚର ଏକ ସିରିଜ ଖେଳାଯିବ । ଏହି ସିରିଜର ପ୍ରଥମ ମ୍ୟାଚ ଫେବୃଆରୀ ୬ ତାରିଖରେ ଖେଳାଯିବ ।

# ୨୨ ବର୍ଷର ରେକର୍ଡ ଭାଙ୍ଗିଲେ ଉସମାନ ଖ୍ୱାଜା



ଗାଲେ,୩୦।୧: ଶ୍ରୀଲଙ୍କା ଏବଂ ଅଷ୍ଟ୍ରେଲିଆ । ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ୨୯ ଜାନୁଆରୀରେ ଗାଲେ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ମ୍ୟାଚ୍‌ରେ ପ୍ରଥମ ଦିନ ସମ୍ପୂର୍ଣ୍ଣ ଭାବରେ ଅଷ୍ଟ୍ରେଲିଆ । ଦଳ ସପକ୍ଷରେ ଥିଲା । ଅଷ୍ଟ୍ରେଲିଆ । ୬ ୱିକେଟ ହରାଇ ୬୫୪ ରନ୍ କରିଛି । ଅଷ୍ଟ୍ରେଲିଆ । ଦଳର ଅଧିନାୟକ ଷ୍ଟିଭ ସ୍ମିଥ ୧୪୧ ଏବଂ ଉସମାନ ଖ୍ୱାଜା ୨୩୨, ଇଂଗଲିସ ୧୦୨ ରନ୍ କରିଛନ୍ତି । ଉସମାନ ଖ୍ୱାଜା ବହୁତ ଦିନ ପରେ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି, ଯେଉଁଥିରେ ସେ ତାଙ୍କର ଶତକୀୟ ଇନିଂସ ସହିତ ଏକ ମହାନ କୃତିତ୍ୱ ମଧ୍ୟ ହାସଲ କରିଛନ୍ତି ।

ଗାଲେରେ ଖେଳାଯାଉଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରି, ଉସମାନ ଖ୍ୱାଜା ୨୨ ବର୍ଷ ପରେ ଅଷ୍ଟ୍ରେଲିଆ । ପାଇଁ ଟେଷ୍ଟ କ୍ରିକେଟ୍‌ରେ ଶତକ ହାସଲ କରିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇସାରିଛନ୍ତି । ଉସମାନ ୩୮ ବର୍ଷ ୪୨ ଦିନ ବୟସରେ ଏହି ଶତକୀୟ ଇନିଂସ ଖେଳିଥିଲେ । ଉସମାନ ଖ୍ୱାଜାଙ୍କ ପୂର୍ବରୁ, ଷ୍ଟିଭ ୨୦୦୩ ମସିହାରେ ଶତକୀୟ ଇନିଂସ ଖେଳି ଏହି ସଫଳତା ହାସଲ କରିଥିଲେ । ଗାଲେ ଟେଷ୍ଟ ମ୍ୟାଚ୍‌ରେ ଉସମାନ ୩୫୨ ବଲ୍ ଖେଳି ୨୩୨ ରନ୍ କରିଥିଲେ ।

୨୧୦ଟି ବଲର ସମ୍ମୁଖୀନ ହୋଇଛନ୍ତି ଏବଂ ୧୦ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୪୭ ରନ କରିଛନ୍ତି ଏହା ବ୍ୟତୀତ ଖ୍ୱାଜା ଏବେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କ ଘରେ ଟେଷ୍ଟ ଶତକ ହାସଲ କରିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇସାରିଛନ୍ତି ଏବଂ ପାଲେକେଲରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ୩୭ ବର୍ଷ ୨୧୫ ଦିନ ବୟସରେ ଏହି ଶତକ ହାସଲ କରିଥିବା ୟୁନିସ ଖାନଙ୍କ ରେକର୍ଡ ଭାଙ୍ଗିଛନ୍ତି ୨୦୧୫ ମସିହାରେ ସେ ବର୍ଷ ବୟସରେ ଏକ ଶତକୀୟ ଇନିଂସ ଖେଳିଥିଲେ । ଗାଲେ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜା ତାଙ୍କ ଦଳର କିମ୍ବଦନ୍ତୀ ପୂର୍ବତନ ଖେଳାଳି ଜଷ୍ଟିନ ଲାଙ୍ଗରଙ୍କ ରେକର୍ଡ ଭାଙ୍ଗିଛନ୍ତି । ଶ୍ରୀଲଙ୍କାରେ ଏପର୍ଯ୍ୟନ୍ତ ଜଣେ ଅଷ୍ଟ୍ରେଲିୟ ଓପନିଂ ବ୍ୟାଟସମ୍ୟାନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ଜଷ୍ଟିନ ଲାଙ୍ଗରଙ୍କ ନାମରେ ଥିଲା । ଲାଙ୍ଗର ୨୦୦୪ ମସିହାରେ କଲମ୍ବୋ ଟେଷ୍ଟରେ ୧୬୬ ରନର ଇନିଂସ ଖେଳିଥିଲେ । ଖ୍ୱାଜା ଆଉ ୨୦ ରନ ଯୋଡି ଏହି ରେକର୍ଡ ଭାଙ୍ଗିଦେଇଛନ୍ତି ।

# ପ୍ରୋ- ହକି ଲିଗ୍ ପାଇଁ ଭାରତୀୟ ପୁରୁଷ ଦଳ ଘୋଷଣା

ଭୁବନେଶ୍ୱର: ପ୍ରୋ- ହକି ଲିଗ୍ ୨୦୨୪-୨୫ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କଲା ହକି ଇଣ୍ଡିଆ ଟିମ୍ ଇଣ୍ଡିଆରେ ୩ ଜଣ ଓଡ଼ିଆଙ୍କୁ ସ୍ଥାନ ମିଳିଛି । ଅମିତ ରୋହିଦାସ, ନୀଲମ ସଞ୍ଜିପ୍ ଓ ଶୀଲାନନ୍ଦ ଲାକ୍ରାଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରୋ- ଲିଗ୍ ୨୦୨୪-୨୫ ପୂର୍ବରୁ ୩୨ ଜଣିଆ । ଭାରତୀୟ ପୁରୁଷ ହକି ଦଳ ପାଇଁ ସ୍କାଡ୍ ଘୋଷଣା ହୋଇଛି ।

ଡିଫେଣ୍ଡର: ଜର୍ମନପ୍ରୀତ ସିଂହ, ଅମିତ ରୋହିଦାସ, ହରମନପ୍ରୀତ ସିଂହ(ଅଧିନାୟକ), ସୁମିତ ସଞ୍ଜୟ, ଜୁଗରାଜ ସିଂହ, ନୀଲମ ସନ୍ଦୀପ, ବରୁଣ କୁମାର ଏବଂ ଯଶଦୀପ୍ ସିଚ୍ ।

ମିଡଫିଲ୍ଡର: ରାଜକୁମାର ପାଲ, ଶର୍ମେଶ ସିଂହ, ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ(ଭାଇସ୍ କ୍ୟାପଟେନ୍), ବିବେକ ସାଗର ପ୍ରସାଦ, ନୀଳକଣ୍ଠ ଶର୍ମା, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂହ ଏବଂ ରାଜିନ୍ଦର ସିଂହ ।

ଫରାର୍ଡ୍: ଅଭିଷେକ, ସୁଖଜୀତ ସିଂହ, ଲଲିତ କୁମାର ଉପାଧ୍ୟାୟ, ମନଦୀପ୍ ସିଂହ, ଗୁର୍ଜନ୍ତ ସିଂହ, ବବି ସିଂହ ଧାମି, ଶିଲାନନ୍ଦ ଲାକ୍ରା, ଦିଲପ୍ରୀତ ସିଂହ, ଅରାଇଜିତ ସିଂହ, ଉତ୍ତମ ସିଂହ, ଅଙ୍ଗଦ ବିର ସିଂହ ଏବଂ ଅର୍ଶଦୀପ ସିଂହ ।

## ମାଁ ଭଗବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବୋର୍ଡ଼ିକୁ ହରାଇ ଅର୍ଶାତୁଲା ବିଜୟୀ




ବଙ୍ଗୋମୁଣ୍ଡା,୩୦।୧- ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ନିକଟ ରେ ଥିବା କୁରସୁଡ଼ ଗ୍ରାମ ର ମାଁ ଭଗବତୀ ମିନି ଷ୍ଟାଡିୟମ ରେ ମାଁ ଭଗବତୀ କ୍ରିକେଟ କ୍ଲବ ଜିପି ଲେଭେଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ବୋର୍ଡ଼ି ପ୍ରଥମେ ବ୍ୟାଟିଂ କରି ୧୨ ଓଭର ରେ ୧୩୬ ରନ କରିଥିବା ବେଳେ ଜବାବରେ ଅର୍ଶାତୁଲା ଦଳ ୧୨ ଓଭର ରେ ୧ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଞ୍ଜୀବ ଜୈନ, ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମନୋଜ ଜୈନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଆଦିତ୍ୟ ଦାସ ଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ ।

ଯୁବରାଜ ସାହୁ ଓ ଭବସାଗର ସାହୁ ଖେଳ ପରିଚାଳନା କରିଥିବାବେଳେ ସଞ୍ଜୀବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଏଥିରେ ନରେଶ, ସୁଭ୍ରାନ୍ତ, ପ୍ରଭାସ, ନିହାର, ରିଙ୍କୁ, ଟୁନୁ, ପ୍ରସାନ୍ତ, ପିତାମ୍ବର, ବିଶ୍ୱନାଥ, ଦେବା, ରଜନୀ, ଦୁର୍ବା, ପ୍ରବୀଣ, ସଚିନ, ରାଜୁ, ତଥା ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଜଟଣୀକୁ ୨.୦ ଗୋଲରେ ହରାଇ ଗଣ୍ଡରପୁର ବିଜୟୀ

ନିମାପଡ଼ା,୩୦।୦୧-ନିମାପଡ଼ା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୧୦ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚକୁ ଉଦଘାଟନ କରିଥିଲେ । ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇଆଜି ଗଣ୍ଡରପୁର ୟୁନାଇଟେଡ଼ ଏଫ ସିକୁ ଭେଟିଥିଲା ଜଟଣୀର ଫ୍ରେଣ୍ଡ୍ସ ପାରଡ଼ାଇଜ ପ୍ରଥମାର୍ଦ୍ଧର ୯ମିନିଟରେ ୟୁନାଇଟେଡ଼ ଏଫ ସିର ୧୦ନମ୍ବର ଖେଳାଳି ଅନ୍ତର୍ଯ୍ୟାମୀ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣି କରିଥିଲେ । ପ୍ରଥମାର୍ଦ୍ଧ ଖେଳ ଶେଷ ସୁଧା ୧ ଗୋଲରେ ୟୁନାଇଟେଡ଼ ଏଫ ସି ଆଗରେ ଥିବା ବେଳେ ୟୁନାଇଟେଡ଼ ଏଫ ସି ଖେଳ ଆରମ୍ଭରେ ପ୍ରତିଦ୍ୱନ୍ଦୀତା ଭାବରେ ଖେଳି ଚାଲିଥିବା ବେଳେ ଦ୍ୱିତୀୟାର୍ଦ୍ଧ ୩୦ ମିନିଟରେ ୟୁନାଇଟେଡ଼ ଏଫ ସିର ୮ନମ୍ବର ଖେଳାଳି ଚନ୍ଦନ ନାୟକ ୨ଗୋଲ୍ ଦେଇ ୨-୦ ରେ ଅଗ୍ରଣୀ କରିଥିଲେ । ଫ୍ରେଣ୍ଡ୍ସ ପାରଡ଼ାଇଜ ପ୍ରତିଦ୍ୱନ୍ଦିତା ମନୋଭାବ ନେଇ ଖେଳି ଥିବା ବେଳେ ଶେଷ ସୁଦ୍ଧା ଗୋଲ୍ ଦେଇପାରିନଥିଲେ । ଯାହା ଦ୍ୱାରା ୨-୦ ଗୋଲରେ ୟୁନାଇଟେଡ଼ ଏଫ ସି ଗଣ୍ଡରପୁର ମ୍ୟାଚରେ ବିଜୟୀ ହୋଇ ଥିବା ବେଳେ ଦଳର ୮ନମ୍ବର ଖେଳାଳି ଚନ୍ଦନ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆଥଲେଟିକ ଆସୋସିଏସନ୍ ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର,ସନ୍ତୋଷ ଦାଶ, ସନାତନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ପୂର୍ବତନ କାଉନସିଲର ବଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଖେଳକୁ ରେଫରି ବିଜୟ କୁମାର ମଙ୍ଗରାଜ ପରିଚାଳନା କରିଥିଲେ । ଲାଇନରେ ସହାୟତା କରିଥିଲେ ରାଜେନ୍ଦ୍ର ବାରିକ ଓ ସନ୍ଦୀପ ଦାଶଆସନ୍ତା କାଲି ପ୍ରଥମ ସେମି ଫାଇନାଲରେ କେବିଏଫସି କଟକକୁ ଭେଟିବ । ଆଜିର ବିଜେତା ୟୁନାଇଟେଡ଼ ଏଫ ସି ଗଣ୍ଡରପୁର ।




# ବାଂଲାଦେଶରେ ଫୁଟବଲ୍ ଖେଳିପାରିବେନି ମହିଳା !



ନୂଆଦିଲ୍ଲୀ,୩୦।୧: ପାକିସ୍ତାନ ରାସ୍ତାରେ ବାଂଲାଦେଶ ବାଂଲାଦେଶରେ ୟୁନୁସ୍ ସରକାରଙ୍କ ଏକଛତ୍ରବାଦ ଶାସନର ବଡ ଉଦାହରଣ ବାଂଲାଦେଶରେ ଝିଅମାନେ ଆଗକୁ ଆଉ ଫୁଟବଲ ଖେଳି ପାରିବେନାହିଁ । ଜୟପୁରହାଟ ସହରରେ ବାଳିକା ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ମ୍ୟାଚ୍ ପୂର୍ବରୁ ମଦ୍ରାସାର ଛାତ୍ରମାନେ ଆସି ହୋହଲ୍ଲା କରିଥିଲେ,ଏପରିକି ଭଙ୍ଗାରୁଜା ମଧ୍ୟ କରିଥିଲେ । ବାଂଲାଦେଶରେ ଝିଅମାନେ ଫୁଟବଲ ଖେଳିବାକୁ ବିରୋଧ କରିଥିଲେ । ସିଧାସଳଖ କଠୋରପନ୍ଥୀ ମାନେ କହିଥିଲେ ଝିଅମାନେ ବାଂଲାଦେଶରେ ଖେଳିପାରିବେ ନାହିଁ । ସେମାନେ କେବଳ ଘରର ଚାରି କାନ୍ଥ ଭିତରେ ରହିବା ଭଲ । ବିରୋଧ କରୁଥିବା ସମସ୍ତେ ମଦ୍ରାସାର ଛାତ୍ର ଥିଲେ । ତଥାକଥିତ ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶ ଏବେ ମୌଳବାଦର ଜାଲରେ ଏତେ ମାତ୍ରାରେ ଫସିଯାଇଛନ୍ତି ଯେ ଏହା ଧୀରେ ଧୀରେ ପାକିସ୍ତାନ ଠାରୁ ଖରାପ ଆଡକୁ ଗତି କରୁଛି ।

ବିକ୍ଷୋଭରେ ଅଂଶଗ୍ରହଣ କରିଥିବା ମଦ୍ରାସାର ପ୍ରଧାନ ଶିକ୍ଷକ ଅବୁ ବକର ସିଦ୍ଦିକି କହିଛନ୍ତି, ଝିଅମାନଙ୍କ ପାଇଁ ଫୁଟବଲ୍ ଖେଳିବା ଅଣ-ଇସଲାମିକ ଆମ ବିଶ୍ୱାସ ବିରୁଦ୍ଧରେ ହେଉଥିବା କୌଣସି ଜିନିଷକୁ ବନ୍ଦ କରିବା ଆମର ଧାର୍ମିକ ଦାୟିତ୍ୱ ଘଟଣାକୁ ବାଂଲାଦେଶ ଫୁଟବଲ୍ ମହାସଂଘ ବା ବିଏଫ୍ଏଫ୍ ଏହାକୁ ନିନ୍ଦା କରୁଛି ଏବଂ ମହିଳାମାନଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ଅଧିକାର ଉପରେ ଗୁରୁତ୍ୱାରୋପ କରିଛି । ବିଏଫ୍ଏଫ୍ ମିଡିଆ ମ୍ୟାନେଜର ସଦଭାନ ସାକିବ୍ ଏକ ବିବୃତ୍ତିରେ କହିଛନ୍ତି, ଫୁଟବଲ୍ ସମସ୍ତଙ୍କ ପାଇଁ ଏବଂ ମହିଳାଙ୍କ ଅଂଶଗ୍ରହଣ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ